**ନିଖୋଜ ନାବାଳିକା ୮ମାସ ପରେ କୋରାପୁଟରୁ ଉଦ୍ଧାର**

ଭୁବନେଶ୍ୱର,(ବ୍ୟୁରୋ): ଭୁବନେଶ୍ୱରରୁ ନିଖୋଜ ଥିବା ନାବାଳିକାଙ୍କୁ ଦୀର୍ଘ ୮ମାସ ପରେ କୋରାପୁଟରୁ ଉଦ୍ଧାର କରିଛି ଖଣ୍ଡଗିରି ପୋଲିସ। ନାବାଳିକାଙ୍କ ନିଖୋଜ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଖୋଜି ପାଇ ନ ଥିଲା। ଫଳରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଥିଲେ। ଏଥିସହ ନାବାଳିକାଙ୍କୁ ଉଦ୍ଧାର ପାଇଁ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଥାନାଧିକାରୀ ପଦ୍ମନାଭ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ନାବାଳିକା ଜଣକ କୋରାପୁଟରେ ଥିବା ଜଣାପଡିବା ପରେ ପୋଲିସ ଟିମ୍ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଆଣିବା ପରେ ପରିବାର ଲୋକଙ୍କ ଜିମା ଦେଇଥିବା ଜଣାପଡିଛି।



## ସଂକ୍ଷେପରେ

### ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୧୬।୭(ବ୍ୟୁରୋ): ଛାତ୍ରୀଛାତ୍ରଙ୍କ ମନରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଉତ୍ସାହ ଜନ୍ମାଇବା ଲକ୍ଷ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ଜୁଲାଇ ୨୫ରେ ଏକାଡେମୀର ପ୍ରତିଷ୍ଠା ଦିବସରେ ହେବାକୁ ଥିବା କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ୩୦ଟି ଜିଲାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ଦେଶାତ୍ମବୋଧକ କବିତା ଆବୃତ୍ତି ଓ ଭାଷା-ସାହିତ୍ୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଛି। କଟକଣାକୁ ଦୃଷ୍ଟିରେ ରଖି ଭର୍ଚୁଆଲରେ ସମସ୍ତ ପ୍ରତିଯୋଗିତା ହେଉଛି। ଓଡ଼ିଆ ଭାଷାରେ କିଶୋର ବୟସରୁ ଛାତ୍ରୀଛାତ୍ରଙ୍କୁ ଧୁରୀଣ କରିବା ପାଇଁ ଏକାଡେମୀ ପକ୍ଷରୁ ଏହି ପ୍ରତିଯୋଗିତା କରାଯାଉଛି। ପ୍ରତିଟି ସ୍ତରରୁ ପ୍ରତିଭା ସନ୍ଧାନ ଓ ପ୍ରତିଭାର ବିକାଶ ଦିଗରେ ଏହି ଉଦ୍ୟମ ଫଳପ୍ରଦ ହେବ ବୋଲି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି। କନିଷ୍ଠ ଓ ବରିଷ୍ଠ ଦୁଇଟି ବର୍ଗରେ ଏହି ପ୍ରତିଯୋଗିତା ହେଉଛି। ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀକୁ କନିଷ୍ଠ ଓ ନବମ, ଦଶମ ଶ୍ରେଣୀକୁ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇଛି। ଜିଲାସ୍ତରରେ ଅନୁଷ୍ଠିତ ପ୍ରତଯୋଗିତାର ଫଳାଫଳ ଏକାଡେମୀର ହସ୍ତଗତ ହେବା ପରେ ଚଳିତ ମାସ ୨୦ ତାରିଖରେ ଭୁବନେଶ୍ୱରରେ ଚୂଡ଼ାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏକାଡେମୀର ପ୍ରତିଷ୍ଠା ଦିନରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବେ ବୋଲି ଏକାଡେମୀ ସମ୍ପାଦକ ପ୍ରବୋଧ କୁମାର ରାଉତ କହିଛନ୍ତି।

### ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୭(ବ୍ୟୁରୋ): ଜଣେ ଯୁବତୀଙ୍କୁ ପ୍ରେମ ନିବେଦନ କରି ବିଫଳ ହେବା ପରେ ଜଣେ ଯୁବକ ତାଙ୍କୁ ଅସଦାଚରଣ କରିଛନ୍ତି। ଏ ନେଇ ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ହରିଅନ୍ତା ଗ୍ରାମର ପ୍ୟାରୀମୋହନ ମହାନ୍ତି(୩୫)। ଏ ନେଇ ପୋଲିସ ଏକ ମାମଲା (ନଂ-୨୦୫/୨୧) ରୁଜୁ କରିଛି।

### ପୂର୍ବସୂରୀ ସାହିତ୍ୟସ୍ରଷ୍ଟାଙ୍କୁ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୬।୭(ବ୍ୟୁରୋ): ପୂର୍ବସୂରୀ ସାହିତ୍ୟସ୍ରଷ୍ଟାଙ୍କ ଜୟନ୍ତୀ କାର୍ଯ୍ୟକ୍ରମକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭର୍ଚୁଆଲରେ ପାଳନ କରାଯାଇଛି। ଗତ ୨୬ ମେ' ରୁ ୧୩ ଜୁଲାଇ ମଧ୍ୟରେ ଓଡ଼ିଶାର ୭ଜଣ ବାଣୀପୁତ୍ରଙ୍କର ଜୟନ୍ତୀ ପାଳିତ ହୋଇଛି। ମେ' ୨୬ ବୈଶାଖ ପୂର୍ଣ୍ଣିମାରେ ମହାକବି ଭୀମଭୋଇ, ୬ ଜୁନରେ 'ଜ୍ଞାନମଣ୍ଡଳ'ର ପ୍ରଣେତା ପଦ୍ମଶ୍ରୀ ବିନୋଦ କାନୁନଗୋ, ୧୨ଜୁନରେ କବି ଅନନ୍ତ ପଟ୍ଟନାୟକ, ୨୧ରେ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି, ୨୭ରେ ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର, ୨୮ ଜୁନ୍‌ରେ ବୀର ବିକ୍ରମଦେବ ବର୍ମା, ୨ ଜୁଲାଇରେ କବି ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ୧୩ ଜୁଲାଇରେ 'ଉତ୍କଳ ଦୀପିକ'ର ସମ୍ପାଦକ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ପାଳନ ଏଥି ମଧ୍ୟରେ ଅନ୍ତର୍ଭୁକ୍ତ। ସମସ୍ତ ଜୟନ୍ତୀ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକ ନିଜକୁ ସଂଯୁକ୍ତ କରିଥିବାବେଳେ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଉପସଭାପତି ଡ. ସଂଗ୍ରାମ ମିଶ୍ର, ସଚିବ ଶ୍ରୀ ପ୍ରବୋଧ ରାଉତ ବରେଣ୍ୟ ବାଣୀପୁତ୍ରଙ୍କ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ।

# ଏଟିଏମ୍ ଲୁଟେରାଙ୍କୁ ଧରାଇଦେଲା ସିସିଟିଭି

ଭୁବନେଶ୍ୱର,୧୬।୭(ବ୍ୟୁରୋ)


ସିସିଟିଭି ଫୁଟେଜରେ କଏଦ ଲୁଟ୍‌ବେଳର ଦୃଶ୍ୟ।

- ସାଲିଆସାହିରୁ ଗୁଜରାଟର ଯୁବକ ଗିରଫ
- ଯୁବତୀଙ୍କଠାରୁ ୪୦ହଜାର ଝାମ୍ପି ନେଇଥିଲେ

କ୍ୟାମେରା ଲାଗିଥିଲା। ଆଲୁଅ ଜଳୁଥିଲା। ନିକଟରେ ବି ଅନ୍ୟ ଜଣେ ଯୁବତୀ ଥିଲେ। ଏଭଳି ସ୍ଥିତିରେ ଜଣେ ଲୁଟେରା ଏଟିଏମ୍‌ରୁ ଟଙ୍କା ଉଠାଉଥିବା ଜଣେ ଯୁବତୀଙ୍କ ହାତରୁ ୪୦ହଜାର ଟଙ୍କା ଥିବା ଭ୍ୟାନିଟି ଝାମ୍ପି ନେଇପଳାଇଗଲେ। ଘଟଣାର ମାସେ ୧୦ଦିନ ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ସମ୍ପୃକ୍ତ ଲୁଟେରାଙ୍କୁ ଧରିଛି। ସେ ହେଲେ ନୟାପଲ୍ଲୀ ସାଲିଆସାହିରେ ରହୁଥିବା ଗୁଜରାଟ ବଟଜା ଜିଲା ବର୍‌ବଲା ଥାନାଞ୍ଚଳର ରୂପେଶ ସୋଲାଙ୍କୀ (୧୯)। ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିବା ସହ ଫେରାର ଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଛି। ଏଥିସହ ଲୁଟ୍ ଘଟଣାର ଲାଇଭ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଜୁନ୍ ୬ ରାତି ପ୍ରାୟ ୮ଟା ହେବ। ନୀଳାଦ୍ରି ବିହାରରେ ରହୁଥିବା ନିରୁପମା ସ୍ୱାଇଁ ତାଙ୍କ ସାଙ୍ଗଙ୍କ ସହ ସ୍ଥାନୀୟ ଏକ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ନିରୁପମା ତାଙ୍କ ସାଙ୍ଗକୁ ଡେବିଟ୍ କାର୍ଡ ଦେଇ ଏଟିମ୍‌ରୁ ଟଙ୍କା ଉଠାଉଥିଲେ। ପାଖରେ ନିରୁପମା ହାତରେ ଧରିଥିବା ଭ୍ୟାନିଟିରେ ୪ଟି ପର୍ଯ୍ୟାୟରେ ୪୦ ହଜାର ଟଙ୍କା ରଖିସାରିଥିଲେ। ଏହି ସମୟରେ ଅଭିଯୁକ୍ତ ରୂପେଶ ଏଟିଏମ୍ ଭିତରକୁ ପଶି ନିରୁପମା ଧରିଥିବା ଟଙ୍କା ଭର୍ତ୍ତି ଭ୍ୟାନିଟି ଝାମ୍ପିନେଇ ଦୌଡ଼ିଥିଲେ। ବାହାରେ ଅପେକ୍ଷା କରିଥିବା ସହଯୋଗୀଙ୍କ ସହ ଗାଡିରେ ଦ୍ରୁତଗତିରେ ପଳାଇଥିଲେ। ଏହି ସମୟରେ ନିରୁପମା ଓ ସାଙ୍ଗ ବଡ଼ ପାଟିରେ ଚିତ୍କାର କରିଥିଲେ। ଲୋକେ ପହଞ୍ଚିବା ପୂର୍ବରୁ ଲୁଟେରା ଦ୍ୱୟ ଚମ୍ପଟ ମାରିଥିଲେ। ନିରୁପମାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୩୧୨/୨୧)ରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ଧରିବାକୁ ଯୋଜନା କରିଥିଲା।

## କଟକ ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

**ଜୁଆ ଆଡ୍ଡାରୁ ମୃତଦେହ ଜବତ ଘଟଣା**

କଟକ ଜିଲା ଦେବୀପାଟଣା ଜଙ୍ଗଲରେ ଚାଲିଥିବା ଜୁଆଆଡ୍ଡାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ଘଟଣାରେ ଶୁକ୍ରବାର ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ପକ୍ଷରୁ ଜିଲା ଏସ୍‌ପିଙ୍କୁ ରିପୋର୍ଟ ତଲବ କରାଯାଇଛି। ଘଟଣାର ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମୃତ ମାଧବାନନ୍ଦ ପାତ୍ରଙ୍କ ପୁତ୍ର କୁନାଙ୍କ ଅଭିଯୋଗର ଶୁଣାଣି କରି କମିଶନ ଏହି ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୨୭କୁ ଧାର୍ଯ୍ୟ କରିଛନ୍ତି। କୁନାଙ୍କ ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୧୧ରେ ଦେବୀପାଟଣା ଜଙ୍ଗଲରେ ଜୁଆଆଡ୍ଡା ଚାଲିଥିବା ଖବର ପାଇ ନିଆଳି ପୋଲିସ ଚଢାଉ କରି ଲାଠି ମାଡ କରିଥିଲା। ପରଦିନ ଜୁଆଆଡ୍ଡା ନିକଟରେ ମାଧବାନନ୍ଦଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ଲାଠିମାଡରେ ବାପାଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ସତ୍ତ୍ୱେ ପୋଲିସ ନ ଶୁଣିବାରୁ କୁନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଅନ୍ୱେଷାଙ୍କୁ 'ଷ୍ଟାର ଫେସ୍ ମିସ୍ ଇଣ୍ଡିଆ' ଟାଇଟଲ୍

ଭୁବନେଶ୍ୱର, ୧୬।୭ (ବ୍ୟୁରୋ)



ଜାତୀୟ ସ୍ତରରେ ପୁଣିଥରେ ସଫଳତା ଆଣି ଦେଇଛନ୍ତି ଓଡ଼ିଆ ଝିଅ ଅନ୍ୱେଷା ଭଞ୍ଜଦେଓ। 'ଷ୍ଟାର ଫେସ୍ ମିସ୍ ଇଣ୍ଡିଆ'ରେ ସମସ୍ତଙ୍କୁ ପଛରେ ପକାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ଜୁଲାଇ ୯ ତାରିଖରୁ ଦିଲ୍ଲୀର ଗାଜିଆବାଦରେ ହୋଇଥିବା ଏହି ପ୍ରତିଯୋଗୀତାରେ ଦକ୍ଷତା, ପାରମ୍ପରିକ ବେଶ ପୋଷାକ ଓ ପ୍ରଶ୍ନୋତ୍ତର ଆଦି ବିଭିନ୍ନ ରାଉଣ୍ଡ ହୋଇଥିଲା। ଓଡ଼ିଶା, ଦିଲ୍ଲୀ, ପଞ୍ଜାବ, ହରିୟାଣା, ମୁମ୍ବାଇ, ରାଜସ୍ଥାନ, ଗୁଜରାଟ, ଆସାମ ଆଦି ବିଭିନ୍ନ ରାଜ୍ୟର ୮୫ଜଣ ପ୍ରତିଯୋଗୀଙ୍କୁ ହରାଇ ବାଜି ମାରିନେଇଥିଲେ ଅନ୍ୱେଷା। ଖୋର୍ଦ୍ଧା ହଳଦିଆର ମୂଳନିବାସୀ ଅନ୍ୱେଷା ଏବେ ଭୁବନେଶ୍ୱର ଜୟଦେବ ବିହାର ଅଞ୍ଚଳରେ ପରିବାର ସହ ରହୁଛନ୍ତି। ଫ୍ୟାଶନ ଡିଜାଇନିଂ ପାଠ ପଢୁଥିବାବେଳେ ମଡେଲିଂରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଥମେ ପରିବାରର ସମର୍ଥନ ମିଳି ନ ଥିଲେ ମଧ୍ୟ ୨୦୧୯ରେ ପିତା ଏଥିପାଇଁ ହଁ ଭରିଥିଲେ। ଏହା ପରଠାରୁ ବିଭିନ୍ନ ମଡ଼େଲିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହିତ 'ଏଭିକ୍ ମିସ୍ ଇଣ୍ଡିଆ ୟୁନିଭର୍ସ', 'ମିସ୍ ଇଣ୍ଡିଆ ଚାର୍ମିଙ୍ଗ ଫେସ୍' ଓ 'ଏମ୍‌ଡି ମିସ୍ ମଡର୍ଣ୍ଣ' ଭଳି ବିଭିନ୍ନ ପ୍ରତିଯୋଗିତାରେ ରନର୍ସଅପ୍‌ର ହୋଇଛନ୍ତି। ତେବେ ଆଗକୁ ବିଶ୍ୱସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ ସହ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ଲକ୍ଷ୍ୟ ରହିଛି ବୋଲି ଅନ୍ୱେଷା କହିଛନ୍ତି।

## ସିପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ଦାୟିତ୍ୱ ନେବ ଏସ୍‌ଏଚ୍‌ଜି


ସିପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଏସ୍‌ଏଚ୍‌ଜି ମହିଳାମାନେ।

ଭୁବନେଶ୍ୱର,୧୬।୭(ବ୍ୟୁରୋ)

ନାରୀ ସଶକ୍ତୀକରଣ ସମେତ ଅନ୍ୟ ବର୍ଗଙ୍କୁ ବିଭିନ୍ନ ବିକାଶ କାର୍ଯ୍ୟକ୍ରମରେ ସାମିଲ କରିବାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପ୍ରୟାସ ଜାରି ରହିଛି। ଖୁବ୍‌ଶୀଘ୍ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ସିପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ଦାୟିତ୍ୱ ପ୍ରଦାନ କରାଯିବ। ଏ ନେଇ ଚୟନ ହୋଇଥିବା ସଂଗଠନ ୟୁନିକ୍ ଏସ୍‌ଏଚ୍‌ଜିକୁ ଏଥିପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣ ଉଭୟ ବାସୁଆଘାଇ ଏବଂ ରୋକଟ (ପାଣ୍ଡରା ନିକଟସ୍ଥ)ସ୍ଥିତ ଏସ୍‌ଇପିଟିରେ ଦିଆଯାଉଛି। ଭୁବନେଶ୍ୱରରେ କ୍ରମବର୍ଦ୍ଧିଷ୍ଣୁ ନଗର ଇଲାକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଏମ୍‌ସି କର୍ତ୍ତୃପକ୍ଷ ଏହାର ଦ୍ୱିତୀୟ ସିପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ୍ ରୋକଟ (ପାଣ୍ଡରା ନିକଟସ୍ଥ) ଭୁବନେଶ୍ୱରରେ ସ୍ଥାପନ କରାଯିବ ବୋଲି ବିଏମ୍‌ସି ସୂଚନା ଦେଇଛି। ଏହି ପ୍ଲାଣ୍ଟର ଦୈନିକ କ୍ଷମତା ୭୫ କିଲୋଲିଟର ଥିବାବେଳେ ଏହା ଭୁବନେଶ୍ୱରର ଅନ୍ୟୂନ୍ୟ ୨.୨ ଲକ୍ଷ ଜନସଂଖ୍ୟାର ମଳ ପରିଚାଳନା ଆବଶ୍ୟକତା ପୂରଣ କରିପାରିବ। ଏହି ପରିପ୍ରେକ୍ଷୀରେ ପ୍ଲାଣ୍ଟର ଦାୟିତ୍ୱକୁ ମିଶନ ଶକ୍ତି ଗ୍ରୁପ୍ ମାଧ୍ୟମରେ ପରିଚାଳନା କରିବା ଏକ ପ୍ରକୃଷ୍ଟ ପଦକ୍ଷେପ ବୋଲି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି। ଏହି ପ୍ରଶିକ୍ଷଣ ଜୁଲାଇ ୯ରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗ୍ରୁପ୍ ପରିଚାଳନା,ନିୟମିତ ରେକର୍ଡ ପରିଚାଳନା, ହିସାବ ଏବଂ ଖର୍ଚ୍ଚର ପଞ୍ଜୀକରଣ, ଆର୍ଥିକ ସାକ୍ଷରତା, ଦଳଗତ କ୍ରିୟାଶୀଳତା, ଗ୍ରୁପ୍ ସଦସ୍ୟାଙ୍କ ଦରମା ଆଦି ବିଭିନ୍ନ ବିଷୟରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ହେବାପରେ ବିଏମ୍‌ସି କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ଏସ୍‌ଏଚ୍‌ଜିଙ୍କ ମଧ୍ୟରେ ଉକ୍ତ ପ୍ଲାଣ୍ଟର ପରିଚାଳନା ପାଇଁ ରାଜିନାମା ସ୍ୱାକ୍ଷରିତ ହେବ ବୋଲି ସୂଚନା ଦିଆଯାଇଛି।

## ଷ୍ଟାଣ୍ଡିଂ କମିଟି-୬ରେ ଚାଷୀ ସମସ୍ୟାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

ଓଡ଼ିଶା ବିଧାନସଭାର ଆବେଦନପତ୍ର କମିଟିର ୪ର୍ଥ ବୈଠକ ବିଧାନସଭା ପ୍ରକୋଷ୍ଠ ୫୪ରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପର୍କିତ ବକେୟା ଥିବା ଆବେଦନ ପତ୍ରଗୁଡିକ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହୋଇଛି। ପରେ ସେଠାରେ ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୬ର ୯ମ ବୈଠକ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କୃଷକଙ୍କ ଧାନ ବିକ୍ରିଜନିତ ସମସ୍ୟା ଉପରେ ମୁଖ୍ୟତଃ ଆଲୋଚନା ହୋଇଛି। ମାର୍ଚ୍ଚ ୩୧ ସୁଦ୍ଧା ମଣ୍ଡିଗୁଡିକ ବନ୍ଦ ହୋଇଯାଉଥିବା ପରିପ୍ରେକ୍ଷୀରେ ଧାନ କ୍ରୟ କରିବାକୁ ଯୋଗାଣ ଓ ସମବାୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତ୍ୟେକ ମଣ୍ଡିରେ ସିସିଟିଭି କ୍ୟାମେରା ସହ ଆବଶ୍ୟକ ଗୋଦାମ ଘର ନିର୍ମାଣ କରିବାକୁ ମଧ୍ୟ କମିଟି ସରକାରଙ୍କୁ ପରାମର୍ଶ ଦେଇଥିଲା। ଚାଷୀଙ୍କୁ ଅଖା ବ୍ୟାଗ୍ ପିଛା ୧୦ ଟଙ୍କା ଏବଂ ପ୍ଲାଷ୍ଟିକ୍ ବ୍ୟାଗ ପିଛା ୫ ଟଙ୍କା ପ୍ରଦାନ କରିବାକୁ ସୋସାଇଟିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ବିଧାୟକ ବଦ୍ରିନାରାୟଣ ପାତ୍ର, ପ୍ରଶାନ୍ତ କୁମାର ଜଗଦେବ, ପ୍ରଦୀପ କୁମାର ଦିଶାରୀଙ୍କ ସମେତ ଖାଦ୍ୟ ଓ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ବିଧାନସଭା ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ।

## ନନ୍ଦନକାନନରେ ବଢ଼ିବ ସିଂହ ବଂଶ

ବାରଙ୍ଗ,୧୬।୭(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଥିବା ଭାରତୀୟ ସିଂହୀ ବିଜୁଳି ଏବେ ଗର୍ଭବତୀ। ପ୍ରଥମଥର ପାଇଁ ଏହି ସିଂହୀଟି ମାଆ ହେବାକୁ ଯାଉଥିବାରୁ କର୍ମଚାରୀ ଉତ୍ସାହିତ ଅଛନ୍ତି। ପ୍ରସବ ସମୟ ପାଖେଇ ଆସୁଥିବାରୁ କେୟାରଟେକର ବିଜୁଳି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ଚଳିତ ମାସ ତୃତୀୟ ସପ୍ତାହ ମଧ୍ୟରେ ବିଜୁଳି ସନ୍ତାନ ଜନ୍ମ କରିବ ବୋଲି ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ପୂର୍ବାନୁମାନ କରିଛନ୍ତି। ଆଉ ମାତ୍ର ଅଳ୍ପଦିନ ବାକି ଥିବାବେଳେ ସୁରକ୍ଷିତ ଭାବେ ବିଜୁଳି କିପରି ଶାବକ ଜନ୍ମ କରିବ ସେଥିପ୍ରତି କର୍ତ୍ତୃପକ୍ଷ ବିଭିନ୍ନ ଦିଗପ୍ରତି ଧ୍ୟାନ ଦେଉଛନ୍ତି। ବିଜୁଳିକୁ ସିଂହ ସଫାରି ଫିଡିଂ ଚାମ୍ବରର ପଛପଟ ଏନକ୍ଲୋଜରରେ ରଖାଯାଇ ସିସି କ୍ୟାମେରା ଲଗାଯାଇ ଗତିବିଧିକୁ ଲକ୍ଷ୍ୟ ରଖିଛନ୍ତି ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ।

### ନୂଆ ଉପନିର୍ଦ୍ଦେଶକ ସଞ୍ଜୀବ କୁମାର

ନନ୍ଦନକାନନର ନୂଆ ଉପନିର୍ଦ୍ଦେଶକ ଭାବେ ଡ. ସଞ୍ଜୀବ କୁମାର ଶୁକ୍ରବାର ଯୋଗଦାନ କରିଛନ୍ତି। ସେ ଏହାପୂର୍ବରୁ ସମ୍ବଲପୁର ଡିଏଫଓ ଭାବେ ଥିଲେ। ଶୁକ୍ରବାର ସେ ବିଧିବଦ୍ଧ ଭାବେ ନନ୍ଦନକାନନର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କର ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗକୁ ବଦଳି ହୋଇଛି। ୨୦୨୦ ଜୁଲାଇ ୧୫ରେ ନନ୍ଦନକାନନରେ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଉପନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ନନ୍ଦନକାନନରେ ପ୍ରାୟ ବର୍ଷେ ଚାକିରି କରିବା ପରେ ତାଙ୍କର ବଦଳି ହୋଇଛି।

## ଡିସିପି ଅଫିସ୍‌ରେ ଚନ୍ଦ୍ରଶେଖରପୁର ଥାନାଧିକାରୀ

ଭୁବନେଶ୍ୱର,୧୬।୭ (ବ୍ୟୁରୋ)

**ଏସ୍‌ଆଇ ଅଶ୍ୱିନୀ ଜେନାଙ୍କୁ ଥାନା ଦାୟିତ୍ୱ**

ରାଜ୍ୟର ଅନ୍ୟତମ ପ୍ରମୁଖ ଥାନା ଚନ୍ଦ୍ରଶେଖରପୁରର ଇନ୍ସପେକ୍ଟର ଯୁବରାଜ ସ୍ୱାଇଁଙ୍କୁ କିଛିଦିନ ହେବ ଡିସିପିଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳୁଛି। ଏହାକୁ ନେଇ ଏବେ ନାନା ଚର୍ଚ୍ଚା ଚାଲିଥିବାବେଳେ ଏ ସଂକ୍ରାନ୍ତ ଏକ ଅର୍ଡର ଚାରିଆଡେ ଘୂରିବୁଲୁଛି। ତାଙ୍କୁ ଡିସିପିଙ୍କ କାର୍ଯ୍ୟାଳୟର କ୍ରାଇମ୍ ସେକ୍ସନରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ରହିଥିବାବେଳେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଏଠାରେ କାର୍ଯ୍ୟ କରିବେ। ସେ ପର୍ଯ୍ୟନ୍ତ ଏସ୍‌ଆଇ ଅଶ୍ୱିନୀ ଜେନା ଚନ୍ଦ୍ରଶେଖରପୁର ଥାନା ଦାୟିତ୍ୱରେ ରହିବେ ଓ ଏଏସ୍‌ଆଇ ବସନ୍ତ କୁମାର ପ୍ରଧାନ ଫାଣ୍ଡି କଥା ବୁଝିବେ। ଗତ ୭ ତାରିଖରେ ଡିସିପିଙ୍କ ଏହି ନିର୍ଦ୍ଦେଶ ପରଠାରୁ ଥାନାଧିକାରୀ ସ୍ୱାଇଁ ସେଠାରେ କାର୍ଯ୍ୟ କରୁଥିବା ଜଣାପଡିଛି। ତେବେ ଥାନାଧିକାରୀଙ୍କୁ ଏଭଳି ରାତି ଅଧିଆ ପଦକ୍ଷେପ ସଂକ୍ରାନ୍ତରେ କମିଶନରେଟ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ଏହି ଖବରକୁ ନେଇ ଭିନ୍ନ ଆଲୋଚନା ଚାଲିଛି। ନିକଟ ଅତୀତରେ ଏଭଳି ରାତିଅଧିଆ ବଦଳିର ଶିକାର ହୋଇଥିଲେ ମଞ୍ଚେଶ୍ୱର ଥାନାର ତତ୍କାଳୀନ ଇନ୍ସପେକ୍ଟର ଜତୀନ୍ଦ୍ର ନାଥ ସେଠୀ। ସେ କେସ୍ ରେକର୍ଡ ଲେଖିବାକୁ ଆସି ନ ଥିଲେ କିମ୍ବା ତାଙ୍କ ନାମରେ ଥିବା ଅଭିଯୋଗ ସମ୍ବନ୍ଧରେ ଅର୍ଡର ଲେଖାଯାଇ ନ ଥିଲା। ତେବେ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ କ'ଣ କାର୍ଯ୍ୟ କଲେ ଯେ ତାଙ୍କୁ ଡିସିପି ଡକାଇ ବସାଇଲେ, ସେନେଇ କୌଣସି ଉଚ୍ଚ ପୋଲିସ ଅଧିକାରୀ ମୁହଁ ଖୋଲୁନାହାନ୍ତି। ଏସମ୍ପର୍କରେ ଥାନାଧିକାରୀ ସ୍ୱାଇଁଙ୍କ ପ୍ରତିକ୍ରିୟା ମଧ୍ୟ ମିଳିପାରିନାହିଁ। ବର୍ତ୍ତମାନ ଇନ୍‌ଫୋସିଟି ଓ ନନ୍ଦନକାନନ ଥାନା ଦାୟିତ୍ୱରେ ଜଣେ ଇନ୍ସପେକ୍ଟର ରହିଛନ୍ତି। ୬ ଥାନାଧିକାରୀ ଦାୟିତ୍ୱରେ ଡିଏସ୍‌ପି ସ୍ତରର ଅଧିକାରୀ ରହିଛନ୍ତି। ପଦୋନ୍ନତି ପରେ ମଧ୍ୟ ସେମାନେ ପୋଷ୍ଟିଂ ପାଉନାହାନ୍ତି। କମିଶନରେଟ ପୋଲିସକୁ ଇନ୍ସପେକ୍ଟର ମିଳୁ ନ ଥିବାବେଳେ ଥାନାଧିକାରୀଙ୍କ ଏଭଳି ବଦଳି ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି।

## କବାଡିଖାନାରେ 'ମୋ ସାଇକେଲ' : କାର୍ଯ୍ୟାନୁଷ୍ଠାନରେ କେଁ

ଭୁବନେଶ୍ୱର, ୧୬।୭ (ବ୍ୟୁରୋ)



କବାଡିଖାନାରେ ମୋ ସାଇକେଲ ବିକ୍ରି ଘଟଣାର ୪ଦିନ ପରେ ମଧ୍ୟ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍(ବିଏସ୍‌ସିଏଲ୍) ପକ୍ଷରୁ ସେପରି କିଛି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଖବର ପ୍ରକାଶ ପାଇବା ପରେ କେବଳ ସାଇକେଲ ଗଣତି ଆରମ୍ଭ କରି ଚୁପ୍ ବସିଛନ୍ତି କର୍ତ୍ତୃପକ୍ଷ। ପ୍ରାଥମିକ ପର୍ଯ୍ୟାୟରେ ଶୁକ୍ରବାର ଶହୀଦନଗର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବିଏସ୍‌ସିଏଲ୍‌ର ଜଣେ ଅଧିକାରୀ ସୂଚନା ଦେଇଥିଲେ ମଧ୍ୟ ବିଏସ୍‌ସିଏଲ୍ ସିଇଓ ତଥା ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ପାଇବା ପରେ ହିଁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ କଥାରେ ତାଳମେଳ ରହୁ ନ ଥିବାବେଳେ ଏହା ପଛରେ କିଛି କେଁ ରହିଥିବା ଆଲୋଚନା ହେଉଛି। ସୂଚନାଯୋଗ୍ୟ, ୨୦୧୮ରେ ମୋ ସାଇକେଲ ଯୋଜନା ଆରମ୍ଭ ହୋଇଥିଲା। ୬କୋଟି ଟଙ୍କା ବ୍ୟୟରେ ୨୫ହଜାର ଟଙ୍କା ଲେଖାଏ ମୂଲ୍ୟର ୨ହଜାର ସାଇକେଲ କିଣାଯାଇଥିଲା। ହେକ୍ସି, ୟୋନୋ ଓ ୟୁଲୁ କମ୍ପାନୀଠାରୁ ୫ବର୍ଷ ପାଇଁ ଏହି ସାଇକେଲ କିଣାଯାଇଥିଲା। ମାତ୍ର ୨ବର୍ଷ ଭିତରେ କମ୍ପାନୀ କିଭଳି ମନମୁଖୀ ଭାବେ କବାଡିଖାନାରେ ଏହାକୁ ବିକିଲା ଓ ବିଏସ୍‌ସିଏଲ୍ ଅଧିକାରୀମାନେ ଏନେଇ କିଛି ଜାଣି ପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ଗତ ବୁଧବାରଠାରୁ ବିଏସ୍‌ସିଏଲ୍‌ର ସିଇଓ ସିଂହଙ୍କ ନିର୍ଦ୍ଦେଶରେ ୨ଟି ଟିମ୍ ସହରରେ ହେକ୍ସି କମ୍ପାନୀର କେତେ ସାଇକେଲ୍ ଅଛି ତାହା ଖୋଜୁଛନ୍ତି। ୩ଦିନ ପରେ ମଧ୍ୟ କୌଣସି ରିପୋର୍ଟ ମିଳି ନ ଥିବାବେଳେ ହାତ ବାନ୍ଧି ବସିଛନ୍ତି କର୍ତ୍ତୃପକ୍ଷ।

## 'ମାଟିର ଘୋଡ଼ା' ପୁସ୍ତକର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୭(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନବୀନ ନିବାସଠାରେ ଅବସରପ୍ରାପ୍ତ ପ୍ରଶାସକ ତଥା କଥାକାର ପ୍ରଦୀପ୍ତ ମହାପାତ୍ରଙ୍କ ଗଳ୍ପ ସଂକଳନ 'ମାଟି ଘୋଡ଼ା'ର ଲୋକାର୍ପଣ କରିଛନ୍ତି। ମାଟିର ମହକରେ ନିଜକୁ ହଜାଇ ଦେଇଥିବା ପ୍ରଦୀପ୍ତ ତାହାରି ଭିତରେ ହିଁ ଶାଶ୍ୱତର ସନ୍ଧାନ କରିବା ସହ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଏହାସହ ନିଜ ଜୀବନାନୁଭୂତିକୁ ସାହିତ୍ୟ ରଙ୍ଗରେ ରଙ୍ଗାଇପାରିଛନ୍ତି। ମାଟିର ଘୋଡ଼ା ସହିତ ମାଟି ସିଲଟର ପୃଥିବୀ, ମାଟିଘଟର ଜୀବନ ଓ ନିଜ ମାଟିର ଗନ୍ଧ ଆଦି ଗଳ୍ପ ସଂକଳନ ମହାପାତ୍ରଙ୍କ ଉଜ୍ଜ୍ୱଳ ସାରସ୍ୱତ ପ୍ରତିଭାର ପ୍ରତିଶ୍ରୁତି ବହନ କରୁଛି। ମୁଖ୍ୟମନ୍ତ୍ରୀ କଥାକାର ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ପୁସ୍ତକଟିର ସଫଳତା କାମନା କରିଛନ୍ତି।

## ଏସ୍‌ସିବିରେ ମଞ୍ଜୁଲତାଙ୍କ ହାତର ଅସ୍ତ୍ରୋପଚାର

କଟକ ଅଫିସ, ୧୬।୭

- ଅବସ୍ଥା ସଙ୍କଟାପନ୍ନ
- ହାତ ନ କାଟିବାକୁ ଗୁରୁତ୍ୱ

କଟକ ଏସ୍‌ସିବି ମେଡିକାଲରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ବାଲିଝର ଗ୍ରାମର ୯ ବର୍ଷୀୟା ମଞ୍ଜୁଲତାଙ୍କ ଚିକିତ୍ସା ଜାରି ରହିଛି। ଶୁକ୍ରବାର ତାଙ୍କ ପେଟରୁ ମାଂସ ନିଆଯାଇ ଆଙ୍ଗୁଠି ଓ ପଚି ଯାଇଥିବା ହାତର କିଛି ଅଂଶରେ ଲଗାଯାଇଛି। ଗୁରୁବାର ମଞ୍ଜୁଲତାଙ୍କୁ ଏସ୍‌ସିବିର ପ୍ଲାଷ୍ଟିକ ସର୍ଜରି ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ବିଭୂତି ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ତାଙ୍କ ଚିକିତ୍ସା ଚାଲିଛି। ମଞ୍ଜୁଲତାଙ୍କର ଡାହାଣ ହାତ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଏପରି କି କିଛି ସ୍ନାୟୁ ନଷ୍ଟ ହେବା ସହିତ ହାତର ଦୁଇଟି ଆଙ୍ଗୁଠି ପଚିଯାଇଛି। ହିମୋଗ୍ଲୋବିନ କମ୍ ରହିବା ସହ ଅଧିକ ଦିନ ହେବ ଏପରି ସ୍ଥିତି ରହିବାରୁ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯାଇଛି। ଏଥିପାଇଁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ୩ ସପ୍ତାହ ପରେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ହାତର ସ୍ଥିତି ଦେଖି ଅସ୍ତ୍ରୋପଚାର କରାଯିବ । ହାତ ନ କାଟିବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ଡା. ନାୟକ କହିଛନ୍ତି ।

ସୂଚନାଥାଉ କି, ମଞ୍ଜୁଲତାଙ୍କୁ ମାସକ ତଳେ ଏକ ନାଗସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ରାଇଘରପୁରସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଆଶୁ ଚିକିତ୍ସା ପରେ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାରେ ଅର୍ଥ ବାଧକ ସାଜିବାରୁ ମଞ୍ଜୁଲତାଙ୍କୁ ଘରକୁ ଫେରାଇ ଆଣି ଗୁଣିଗାରେଡି ଜରିଆରେ ଚିକିତ୍ସା କରାଯାଉଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅବସ୍ଥା ଗୁରୁତର ହେବାରୁ ଗତ ବୁଧବାର ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ମଞ୍ଜୁଲତାଙ୍କ ପରିବାର ଲୋକେ କାବୁ କରି ରଖିଥିବା ନାଗସାପକୁ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି।

**ଅମାନିଆଙ୍କଠାରୁ ୬,୨୦୦ ଜରିମାନା ଆଦାୟ**

**କଟକ ଅଫିସ:** କଟକ ସହରରେ ଲୋକଙ୍କ ମଧ୍ୟରେ ସଚେତନତା କମିବାରେ ଲାଗିଛି । ଅନେକ ଲୋକ ମାସ୍କ ନ ପିନ୍ଧି ବଜାରରେ ଗହଳି କରୁଛନ୍ତି। ଏନେଇ ସିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଅତ୍ୟାଧିକ ଗହଳି କରିବା ସହ ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କଠାରୁ ୬,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଅଧିକାରୀ ପରେଶ ନାୟକ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ନିଆଁରେ ପୋଡ଼ି ନବବଧୂ ମୃତ

**ସାଲେପୁର,୧୬।୭(ଡି.ଏନ୍.ଏ.) :** ସାଲେପୁର ବ୍ଲକ ରାଇସୁଙ୍ଗୁଡ଼ା ଗ୍ରାମର ଜଣେ ନବବଧୂ ସୋମବାର କୌଣସି କାରଣରୁ ନିଜ ଦେହରେ ନିଆଁ ଲଗେଇ ଦେଇଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଟକ ତ୍ରିଶୁଳିଆସ୍ଥିତ ଫୁଲ ପୋଖରୀ ଗ୍ରାମର ସସ୍ମିତା ବେହେରା। ସେ ରାଇସୁଙ୍ଗୁଡ଼ା ଗ୍ରାମର ଅଜୟଙ୍କୁ ୩ ମାସ ପୂର୍ବେ ବିବାହ କରିଥିଲେ। ଗତ ୧୨ତାରିଖରେ ଅଜୟଙ୍କ ବଡ଼ବାପାଙ୍କ ଦଶାହ କର୍ମ ଚାଲିଥିବା ବେଳେ ସସ୍ମିତା ଗାଧୁଆଘରେ ପଶି କିରୋସିନ ଢାଳି ଦେହରେ ନିଆଁ ଲଗେଇ ଦେଇଥିଲେ। ଅଜୟ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ଘରୁ ସୁନାଗହଣା, ଟଙ୍କା ଚୋରି

**ନିଶ୍ଚିନ୍ତକୋଇଲି, ୧୬।୭ (ସ୍ୱ.ପ୍ର.):** ନେମାଳ ଥାନା ଅଧୀନ ତିଲକଣା ପଞ୍ଚାୟତ ମହମ୍ମଦପୁର ଗ୍ରାମର ବାବାଜୀ ମଲିକଙ୍କ ଘରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଲକ୍ଷାଧିକ ଟଙ୍କା, ସୁନା ଗହଣା ଓ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷପତ୍ର ଚୋରି ହୋଇଛି। ଦୁର୍ବୃତ୍ତମାନେ ଶିଡିଘର କବାଟ ଭାଙ୍ଗି ଘରେ ପଶି ଚୋରି କରିନେଇଛନ୍ତି ବୋଲି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା (ନଂ. ୯୯/୨୧)ରୁଜୁ କରିଛି।

### ପାଣିରୁ ଯୁବକଙ୍କ ମୃତଦେହ ଜବତ

**ସାଲେପୁର,୧୬।୭(ଡି.ଏନ୍.ଏ.) :** ସାଲେପୁର ବ୍ଲକ ଅନ୍ତର୍ଗତ ତେନ୍ତୋଳ ଗ୍ରାମ ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲରେ ନିର୍ମାଣାଧୀନ ପୋଲ ଉପରୁ ଖସି ପାଣିରେ ବୁଡ଼ିଯିବାରୁ ଗୁରୁବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମନୋରଞ୍ଜନ ଭୋଇ। ସେ ପୋଲ ବାଡ଼ାରେ ବସିଥିବା ବେଳେ ହଠାତ୍ ପାଣିରେ ପଡ଼ିଯାଇଥିଲେ। ସାଲେପୁର ଦମକଳ ବାହିନୀ ପାଣିରୁ ମନୋରଞ୍ଜନଙ୍କୁ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ.୧୮/୨୧) ରୁଜୁ କରିଛି।

### କରୋନା ଆକ୍ରାନ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ

**କଟକସଦର,୧୬।୭(ଡି.ଏନ୍.ଏ.)-** ବୟାଳିଶ ମୌଜା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଭାବେ କାର୍ଯ୍ୟରତ ପ୍ରଶାନ୍ତି ଗୀତା ମିଶ୍ରଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ କିଛିଦିନ ହେବ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ବ୍ୟାଙ୍କ କର୍ମଚାରୀ ଓ ସ୍ଥାନୀୟବାସୀଙ୍କ ମଧ୍ୟରେ ଶୋକରଛାୟା ଖେଳିଯାଇଛି।

### ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**କଟକ ସଦର,୧୬।୭(ଡି.ଏନ୍.ଏ.):** ବିଦ୍ୟୁତ୍ ଦର ବୃଦ୍ଧି ଓ ଲୋ-ଭୋଲଟେଜ୍ ସମସ୍ୟା ପ୍ରତିବାଦରେ ୪୨ ମୌଜା ଭାଜପା ମଣ୍ଡଳ ପକ୍ଷରୁ ଶୁକ୍ରବାର ବେଣ୍ଟକାରସ୍ଥିତ ଟାଟା ପାୱାର ସେକ୍ସନ ଅଫିସ ଘେରାଉ କରାଯାଇଥିଲା। ମଣ୍ଡଳ ସଭାପତି ପୀୟୂଷ ରଞ୍ଜନ ପରିଡା, ମହେଶ୍ୱର ପତି, ଦିଲ୍ଲୀପ ବସ୍ତିଆ, ପ୍ରକାଶ ଚନ୍ଦ୍ର ସାହୁ ଓ ପର୍ଯ୍ୟବେକ୍ଷକ ଗୋକୁଳ ଚନ୍ଦ୍ର ପ୍ରଧାନ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ ଟାଟା ପାୱାର କର୍ମଚାରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।

### ଫଟୋ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର

**କଟକ ଅଫିସ,୧୬।୭:** ନୂଆବଜାର ଛକରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ପୋଲିସ କର୍ମଚାରୀ ଏକ ଛାପା ଗଣମାଧ୍ୟମର ଫଟୋ ସାମ୍ବାଦିକ ତାପସ ରଞ୍ଜନ ମହାନ୍ତିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ସେଠାରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ରୁଣ୍ଡ ହେବାପରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନ ଓ ଏସିପି ଅମରେନ୍ଦ୍ର ପଣ୍ଡା ପହଞ୍ଚି ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ବିଭିନ୍ନ ଯୋଜନାର କାର୍ଯ୍ୟ ଅଗ୍ରଗତିକୁ ଗୁରୁତ୍ୱ

**କଟକ ଅଫିସ ୧୬।୭**



ବୈଠକରେ ଏମ୍‌ପି, ମନ୍ତ୍ରୀ, ବିଧାୟକ ଓ ଜିଲାପାଳଙ୍କ ସହ ଅନ୍ୟମାନେ।

**ଦିଶା ବୈଠକ**
■୧୭,୦୪୯ ଏସ୍‌ଏଚ୍‌ଜିକୁ ମିଳିବ ଋଣ

କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପଞ୍ଚମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷି, ଜଳଛାୟା, ସାମାଜିକ ସୁରକ୍ଷା, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଦୀନଦୟାଲ ଉପାଧ୍ୟାୟ ଗ୍ରାମ କଲ୍ୟାଣ ଯୋଜନା, ଅମୃତ ପାନୀୟଜଳ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା।

ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପୋଷଣ କମିଟି, ବକେୟା ସାମାଜିକ ସୁରକ୍ଷା ପେନ୍‌ସନ୍ ରାଶି, ମହାନଦୀରୁ ପାନୀୟ ଜଳଯୋଗାଣ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ, ଫସଲ ବୀମା ଯୋଜନା, ଅଙ୍ଗନୱାଡି ଗୃହ ନିର୍ମାଣ, ମୋ ବଗିଚା ଯୋଜନାରେ ଉଦ୍ୟାନ ନିର୍ମାଣ ନିମନ୍ତେ ନୂତନ ପ୍ରସ୍ତାବ ଗ୍ରହଣ କରାଯାଇ କାର୍ଯ୍ୟ ପନ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ଥିବା ସରକାରୀ ଜାଗାରେ ଅଙ୍ଗନୱାଡି ଗୃହ ନିର୍ମାଣ, ଉଦ୍ୟାନ କୃଷି ସମ୍ପର୍କରେ ଆଲୋଚନା କରିଥିଲେ । ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜିଲାରେ ୨୦୨୧-୨୦୨୨ ବର୍ଷ ପାଇଁ ୩୨୧.୬୦ ହେକ୍ଟର ଜମିରେ ବିଭିନ୍ନ ଚାରାରୋପଣ ପାଇଁ ସ୍ଥିର କରାଯାଇଥିଲା। ସେହିପରି ଜାତୀୟ ଗ୍ରାମୀଣ ଜୀବିକା ମିଶନ ଯୋଜନାରେ ୧୭,୦୪୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମ କଲ୍ୟାଣ ଯୋଜନାରେ ୨,୭୬୦ ଜଣ ବେରୋଜଗାରଙ୍କୁ ତାଲିମ ଦିଆଯାଇ ନିଯୁକ୍ତି ପ୍ରଦାନ ପାଇଁ ସ୍ଥିର କରାଯାଇଛି । ଜିଲାରେ କରୋନା ସଂକ୍ରମଣ ଉପରେ ରୋକ୍ ଲଗାଇବା ପାଇଁ ଗ୍ରାମାଞ୍ଚଳରେ ଗୃହ ସଙ୍ଗରୋଧରେ ରହୁଥିବା ପରିବାର ଉପରେ ବିଶେଷ ଦୃଷ୍ଟି ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଆୟୋଜିତ ବୈଠକରେ ବିଧାୟକ ପ୍ରଶାନ୍ତ ବେହେରା, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ଜିଲାର ସମସ୍ତ ଉପଜିଲାପାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିଡିଓ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ପିଡି ଡିଆରଡିଏ ଅମ୍ବର କୁମାର କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଏସ୍‌ସିବିରେ ମଞ୍ଜୁଲତାଙ୍କ ହାତର ଅସ୍ତ୍ରୋପଚାର

**କଟକ ଅଫିସ, ୧୬।୭**

■ଅବସ୍ଥା ସଙ୍କଟାପନ୍ନ
■ହାତ ନ କାଟିବାକୁ ଗୁରୁତ୍ୱ

କଟକ ଏସ୍‌ସିବି ମେଡିକାଲରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ବାଲିଝର ଗ୍ରାମର ୯ ବର୍ଷୀୟା ମଞ୍ଜୁଲତାଙ୍କ ଚିକିତ୍ସା ଜାରି ରହିଛି। ଶୁକ୍ରବାର ତାଙ୍କ ପେଟରୁ ମାଂସ ନିଆଯାଇ ଆଙ୍ଗୁଠି ଓ ପଚି ଯାଇଥିବା ହାତର କିଛି ଅଂଶରେ ଲଗାଯାଇଛି। ଗୁରୁବାର ମଞ୍ଜୁଲତାଙ୍କୁ ଏସ୍‌ସିବିର ପ୍ଲାଷ୍ଟିକ ସର୍ଜରି ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା । ବିଭାଗୀୟ ମୁଖ୍ୟ ପ୍ରଫେସର ବିଭୂତି ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ତାଙ୍କ ଚିକିତ୍ସା ଚାଲିଛି । ମଞ୍ଜୁଲତାଙ୍କର ଡାହାଣ ହାତ ବହୁମାତ୍ରାରେ ପ୍ରଭାବିତ ହୋଇଛି । ଏପରି କି କିଛି ସ୍ନାୟୁ ନଷ୍ଟ ହେବା ସହିତ ହାତର ଦୁଇଟି ଆଙ୍ଗୁଠି ପଚିଯାଇଛି । ହିମୋଗ୍ଲୋବିନ କମ୍ ରହିବା ସହ ଅଧିକ ଦିନ ହେବ ଏପରି ସ୍ଥିତି ରହିବାରୁ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯାଇଛି। ଏଥିପାଇଁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ୩ ସପ୍ତାହ ପରେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ହାତର ସ୍ଥିତି ଦେଖି ଅସ୍ତ୍ରୋପଚାର କରାଯିବ । ହାତ ନ କାଟିବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ଡା. ନାୟକ କହିଛନ୍ତି ।

ସୂଚନାଥାଉ କି, ମଞ୍ଜୁଲତାଙ୍କୁ ମାସକ ତଳେ ଏକ ନାଗସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ରାଇଘରପୁରସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଆଶୁ ଚିକିତ୍ସା ପରେ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାରେ ଅର୍ଥ ବାଧକ ସାଜିବାରୁ ମଞ୍ଜୁଲତାଙ୍କୁ ଘରକୁ ଫେରାଇ ଆଣି ଗୁଣିଗାରେଡି ଜରିଆରେ ଚିକିତ୍ସା କରାଯାଉଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅବସ୍ଥା ଗୁରୁତର ହେବାରୁ ଗତ ବୁଧବାର ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ମଞ୍ଜୁଲତାଙ୍କ ପରିବାର ଲୋକେ କାବୁ କରି ରଖିଥିବା ନାଗସାପକୁ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି।

# ମଦ ଦୋକାନ ଖୋଲିବା ନେଇ ପ୍ରତିବାଦ


ମଦ ଦୋକାନ ବନ୍ଦ ପାଇଁ ମହିଳାମାନେ ପ୍ରତିବାଦ କରୁଛନ୍ତି।

**କଟକ ଅଫିସ,୧୬।୭**

କଟକ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର ନିକଟରେ ମଦ ଦୋକାନ ଖୋଲାଯିବାରୁ ଶୁକ୍ରବାର ସ୍ଥାନୀୟ ମହିଳାଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି। ରଥଯାତ୍ରା ଦିନ ଉକ୍ତ ମନ୍ଦିର କାନ୍ଥକୁ ଲାଗି ମଦ ଦୋକାନ ଖୋଲାଯିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ପ୍ରତିବାଦକାରୀ ମହିଳାମାନେ କହିଛନ୍ତି, ସେଠାରେ ମଦ ଦୋକାନ ନ ଖୋଲିବାକୁ ଦୋକାନୀଙ୍କୁ ଅନୁରୋଧ କରିଥିଲୁ । ହେଲେ ଆମ କଥା ନ ଶୁଣିବାରୁ ପ୍ରତିବାଦକୁ ଓହ୍ଲାଇଛୁ । ଯଥାଶୀଘ୍ର ପ୍ରଶାସନ ଏହି ମଦ ଦୋକାନ ବନ୍ଦ ନ କରେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ଗତ ଗୁରୁବାର ପୁରୀଘାଟ ଥାନା ନିକଟରେ ମଦ ଦୋକାନ ଖୋଲିବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଶାନ୍ତନୁ ଦାସ କହିଛନ୍ତି, ତାଙ୍କ ନିକଟକୁ ଅଭିଯୋଗ ଆସିଛି । ତଦନ୍ତ କରାଯିବ। ତଦନ୍ତକାରୀ ଅଧିକାରୀ ଅଭିଯୋଗକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜାଣିବେ। ଏହାପରେ କୌଣସି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି ।

# ଚୋରି ଅଳଙ୍କାର ଜବତ: ଯୁବକ ଗିରଫ

**ଫୁଲନଖରା,୧୬।୭(ଡି.ଏନ.ଏ.)**

ମନ୍ଦିରରୁ ଚୋରି କରିବା ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଖଲର୍ଦ୍ଧା ଗ୍ରାମର ଦୁର୍ଯ୍ୟୋଧନ ସ୍ୱାଇଁ। ଗତ ୧୪ ତାରିଖ ବିଳମ୍ବିତ ରାତିରେ ଖଲର୍ଦ୍ଧା ଗ୍ରାମର ଗୋପୀନାଥ ମନ୍ଦିରରୁ ଠାକୁରଙ୍କ ସୁନାହାର ଓ ରୁପା ମୁକୁଟ ଚୋରି ହୋଇଥିଲା। ଏ ସମ୍ପର୍କରେ ଗ୍ରାମର ବିପିନ ଚନ୍ଦ୍ର ପରିଡା ଅଭିଯୋଗ କରିବା ପରେ ପୋଲିସ ମାମଲା(୪୦୨/୨୧) ରୁଜୁ କରିଥିଲା। ପୋଲିସ ଦୁର୍ଯ୍ୟୋଧନଙ୍କ ଘର ଉପରେ ଚଢାଉ କରି ତାଙ୍କୁ ଗିରଫ କରିବା ସହ ଚୋରି ଅଳଙ୍କାର ଜବତ କରିଥିଲା। ପରେ ଜବତ ଅଳଙ୍କାର ମନ୍ଦିର କମିଟିକୁ ହସ୍ତାନ୍ତର କରାଯାଇଛି।

# ଅନିୟମିତତା ଅଭିଯୋଗର ତଦନ୍ତ ଆରମ୍ଭ

**ନିଶ୍ଚିନ୍ତକୋଇଲି,୧୬।୭(ସ୍ୱ.ପ୍ର.)**

**ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟରେ ହୋଇଥିବା ବିଭିନ୍ନ ଅନିୟମିତତା ଅଭିଯୋଗର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଶିକ୍ଷାବିଭାଗର ଉପନିର୍ଦ୍ଦେଶକ ଡ. ସବିତା ହରିଚନ୍ଦନ ଓ ବିଜୟ କୁମାର ସାହୁ ଶୁକ୍ରବାର ମହାବିଦ୍ୟାଳୟରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଏନେଇ ସେମାନେ ଅଧ୍ୟକ୍ଷ ନିରଞ୍ଜନ ଶତପଥୀଙ୍କ ପ୍ରକୋଷ୍ଠରେ କାଗଜପତ୍ର ଯାଞ୍ଚ କରିଛନ୍ତି। ଏହାର ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି। ଏହି ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତିରେ ଜାଲିଆତି, କଲେଜକୁ ଆସୁଥିବା ସରକାରୀ ଅନୁଦାନରେ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହାଛଡ଼ା ମହାବିଦ୍ୟାଳୟର ବହି କିଣା, କମ୍ପ୍ୟୁଟର, ଆସବାପତ୍ର ଆଦି କିଣାରେ ଦୁର୍ନୀତି ହୋଇଥିବା ନେଇ ସେମାନେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

# ବିଜୁ ଫଳକ ଭାଙ୍ଗିଲେ ପଡ଼ୋଶୀ

**କଟକ ସଦର,୧୬।୭(ଡି.ଏନ.ଏ.)**

କଟକ ସଦର ବ୍ଲକ ଅଧୀନ ସିଦ୍ଧେଶ୍ୱରପୁର ଗ୍ରାମର ନୟନା ବେହେରା ନାମ୍ନୀ ଜଣେ ଇନ୍ଦିରାଆବାସ ହିତାଧିକାରୀଙ୍କ କାନ୍ଥରେ ବିଜୁ ଫଳକ ଲଗାଇବା ପାଇଁ ଶୁକ୍ରବାର ପଞ୍ଚାୟତ କର୍ମଚାରୀ ଯାଇଥିଲେ। ମାତ୍ର ନୟନାଙ୍କ ପଡୋଶୀ ଉତ୍‌କ୍ଷିପ୍ତ ହୋଇ ବିଜୁ ଫଳକ କାହିଁକି ଲଗାଉଛ ବୋଲି କହି ଫଳକକୁ ଭାଙ୍ଗି ଦେଇଥିଲେ। ଫଳକ ଲଗାଇବା ଦାୟିତ୍ୱରେ ଥିବା ପଞ୍ଚାୟତ ପିଅନ ଶିବ ପ୍ରସାଦ ଜେନା ଓ ସ୍ୱାବଲମ୍ବୀ କାରିଗର ବୀରବର ପ୍ରଧାନ ଏ ସମ୍ପର୍କରେ ସରପଞ୍ଚ ପ୍ରଫୁଲ୍ଲ ଭୋଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ଦାଶ ଓ ଓ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ଜଣାଇଛନ୍ତି। ଫଳକ ଭଙ୍ଗାର କାରଣ ଅସ୍ପଷ୍ଟ ରହିଛି।

# କଟକ ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର,୧୬।୭(ବ୍ୟୁରୋ)**

**ଜୁଆ ଆଡ୍ଡାରୁ ମୃତଦେହ ଜବତ ଘଟଣା**
■ପୋଲିସର ଲାଠିମାଡ଼ରେ ମୃତ୍ୟୁ ଅଭିଯୋଗ

କଟକ ଜିଲା ଦେବୀପାଟଣା ଜଙ୍ଗଲରେ ଚାଲିଥିବା ଜୁଆଆଡ୍ଡାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ଘଟଣାରେ ଶୁକ୍ରବାର ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ପକ୍ଷରୁ ଜିଲା ଏସ୍‌ପିଙ୍କୁ ରିପୋର୍ଟ ତଲବ କରାଯାଇଛି। ଘଟଣାର ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମୃତ ମାଧବାନନ୍ଦ ପାତ୍ରଙ୍କ ପୁତ୍ର କୁନା ପାତ୍ରଙ୍କ ଅଭିଯୋଗର ଶୁଣାଣି କରି କମିଶନ ଏହି ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। କୁନାଙ୍କ ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୧୧ରେ ଦେବୀପାଟଣା ଜଙ୍ଗଲରେ ଜୁଆଆଡ୍ଡା ଚାଲିଥିବା ଖବର ପାଇ ନିଆଳି ପୋଲିସ ସେଠାରେ ଚଢାଉ କରିଥିଲା। ଏହି ସମୟରେ ବଜାରକୁ ଯାଇଥିବା ତାଙ୍କ ବାପା ମାଧବାନନ୍ଦ ସେଠାରେ ଠିଆ ହୋଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଲାଠି ମାଡ କରିଥିଲା। ତେବେ ଘଟଣା ପରଦିନ ଜୁଆଆଡ୍ଡା ନିକଟରେ ମାଧବାନନ୍ଦଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ ହୋଇଥିଲା। ପୋଲିସର ଲାଠିମାଡରେ ମାଧବାନନ୍ଦଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ନ୍ୟାୟ ନ ମିଳିବାରୁ ପୁଅ କୁନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ସାଇକେଲ ଶୋଭାଯାତ୍ରା

**ଆଠଗଡ଼,୧୬।୭(ସ୍ୱ.ପ୍ର.)**

ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ବୃଦ୍ଧି ପ୍ରତିବାଦରେ ଆଠଗଡ଼ କଂଗ୍ରେସ ତରଫରୁ ଶୁକ୍ରବାର ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଆଠଗଡ଼ ସହର ରାସରସିକପୁରସ୍ଥିତ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ରାଧାଗୋବିନ୍ଦପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ଜିଲା ଯୁବ କଂଗ୍ରେସ ଉପ ସଭାପତି ମନୋରଞ୍ଜନ ପଟ୍ଟନାୟକ, ସୁଦର୍ଶନ ସାହୁ ଓ ମଙ୍ଗୁଳି ପାଣି ପ୍ରମୁଖ ସାମିଲ ହୋଇଥିଲେ।

# ଫିଲାଟେଲିକ ବ୍ୟୁରୋ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

**କଟକ ଅଫିସ, ୧୬।୭**

କଟକରୁ ଫିଲାଟେଲିକ ବ୍ୟୁରୋ ସ୍ଥାନାନ୍ତର ନିଷ୍ପତ୍ତି ବିରୋଧରେ ଓଡ଼ିଶା ଫିଲାଟେଲିକ ସଂଘ ପକ୍ଷରୁ ଶୁକ୍ରବାର ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ଫିଲାଟେଲିକ ବ୍ୟୁରୋ କାର୍ଯ୍ୟାଳୟରେ ବିଭିନ୍ନ ସମୟରେ ସାଧାରଣ ଡାକ ଟିକଟ, ସ୍ମାରକ ଡାକ ଟିକଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ଡାକ ସାମଗ୍ରୀ ବିକ୍ରି କରାଯାଇ ରାଜସ୍ୱ ସଂଗ୍ରହ କରାଯାଏ। ସେହିପରି ଛାତ୍ରୀଛାତ୍ରମାନେ ଏଠାକୁ ବିଭିନ୍ନ ସମୟରେ ପରିଦର୍ଶନରେ ଆସିଥାନ୍ତି । ଡାକ ବିଭାଗର ଏହି ନିଷ୍ପତ୍ତିକୁ ବୁଦ୍ଧିଜୀବୀ, ଡାକ ଟିକଟ ସଂଗ୍ରାହକ ଓ ଫିଲାଟେଲିକ ସଂଘ ପକ୍ଷରୁ ବିରୋଧ କରାଯାଇଛି ।

# ତୃଣମୂଳସ୍ତରରୁ ଦୁର୍ନୀତିକୁ ବିରୋଧ କରିବାକୁ ନିଷ୍ପତ୍ତି

**ବାଙ୍କୀ,୧୬।୭(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ କଂଗ୍ରେସ କମିଟି ତରଫରୁ ଶୁକ୍ରବାର ମା'ଚର୍ଚ୍ଚିକାଙ୍କ ପୀଠରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଅସିତ୍‌ଚରଣ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ବ୍ଲକସ୍ତରରେ ହୋଇଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ତୃଣମୂଳସ୍ତରରୁ ଏହି ଦୁର୍ନୀତିକୁ ବିରୋଧ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ପ୍ରଶାନ୍ତ କୁମାର ମହାନ୍ତି, ବିପିନି ବିହାରୀ ରାଉତ, ପୀତବାସ ନାୟକ, ସୀତାକାନ୍ତ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ୪ ୱାର୍ଡବାସୀ

**କଟକ ଅଫିସ, ୧୬।୭**

କଟକ ମହାନଗର ନିଗମ ଅଧୀନ ୫୬, ୫୭, ୫୮ ଓ ୫୯ ନମ୍ବର ୱାର୍ଡ କଂଗ୍ରେସ କମିଟି କର୍ମକର୍ତ୍ତାଙ୍କର ଏକ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସାଇଦାନୀ ବଗିଚାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇଥିଲେ। ଏହି ୱାର୍ଡଗୁଡିକରେ ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ ଭଳି ମୌଳିକ ସେବା ପାଇବାରୁ ବଞ୍ଚିତ ହୋଇଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଉକ୍ତ ୱାର୍ଡଗୁଡିକରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗଣ ଆନ୍ଦୋଳନ ବ୍ୟାପକ କରିବା ସହିତ ଆଗାମୀ ପୌର ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ନଗର କଂଗ୍ରେସ ସଭାନେତ୍ରୀ ବେହେରା କହିଛନ୍ତି, ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଏହି ୱାର୍ଡଗୁଡ଼ିକର ବିକାଶ ପ୍ରତି ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ । ଏହି ବୈଠକରେ ବ୍ଲକ କଂଗ୍ରେସ କମିଟି ସଭାପତି ସୂର୍ଯ୍ୟମଣି ମହାନ୍ତି, ସନ୍ତୋଷ ଲେଙ୍କା, ସଦର ଯୁବ କଂଗ୍ରେସ ସଭାପତି ଜନାର୍ଦ୍ଦନ ପରିଡା, ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁ, ମହମ୍ମଦ ଅଲିମ ଓ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ସେଣ୍ଟ୍ରାଲ ଆଇସିୟୁ କୋଭିଡ୍ ହସ୍ପିଟାଲ ପାଇଁ କ୍ଷେତ୍ର ପରିଦର୍ଶନ

**ନିଶ୍ଚିନ୍ତକୋଇଲି,୧୬।୭(ସ୍ୱ.ପ୍ର.)**

ଆମେରିକାନ ଇଣ୍ଡିଆନ ଫାଉଣ୍ଡେଶନ ପକ୍ଷରୁ ୫ କୋଟି ଟଙ୍କା ବିନିମୟରେ ସେଣ୍ଟ୍ରାଲ ଆଇସିୟୁ କୋଭିଡ୍ ହସ୍ପିଟାଲ ପାଇଁ ଶୁକ୍ରବାର କ୍ଷେତ୍ର ପରିଦର୍ଶନ କରାଯାଇଛି। ଏହି ଅବସରରେ ଫାଉଣ୍ଡେଶନର ଓଡିଶା ମୁଖ୍ୟ ସୁବ୍ରତ ସରକାର ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହ କୋଲଣପୁର ପଞ୍ଚାୟତର ଆରଏମ୍‌ସି ପରିସରରେ ପହଞ୍ଚି ଥିଲେ। କୋଭିଡ୍ ହସ୍ପିଟାଲରେ କିପରି ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଡିଓ କର୍ଣ୍ଣଦେବ ସମାଦ୍ଦାର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନାୟକ ତ୍ୱରିତ ଭିତ୍ତିଭୂମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଶ୍ଚିନ୍ତକୋଇଲି ଭାରପ୍ରାପ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ମାନସ ମହାନ୍ତି, ପାନୀୟଜଳ ବିଭାଗ ଯନ୍ତ୍ରୀ ଚିନ୍ମୟୀ ସାହୁ, ସହକାରୀ ଯନ୍ତ୍ରୀ ପ୍ରଫୁଲ ସାହୁ ପ୍ରମୁଖ ବିଦ୍ୟୁତ ଓ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ଓଝାଙ୍କ ଉପସ୍ଥିତିରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ସ୍ୱୀକୃତି ପାଇବା ପରେ ଖୁବଶୀଘ୍ର ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲ ହେବା ନିମନ୍ତେ ସମସ୍ତେ ଆଶାବାଦୀ ଅଛନ୍ତି। ଏହି ହସ୍ପିଟାଲରେ ୧୦୦ ଶଯ୍ୟାବିଶିଷ୍ଟ ଆଇସିୟୁ ବ୍ୟବସ୍ଥା ସହ ୮ଭେଣ୍ଟିଲେଟର ବେଡ ରହିବ ବୋଲି ଫାଉଣ୍ଡେଶନର ମୁଖ୍ୟ ପ୍ରକାଶ କରିଛନ୍ତି।


ବସ ଚଳାଚଳ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ସତ୍ତ୍ୱେ ଶୁକ୍ରବାର ଫାଙ୍କା ପଡିଥିବା ବାଦାମବାଡି ବସ୍‌ଷ୍ଟାଣ୍ଡ।

# ଅନୁମତି ସତ୍ତ୍ୱେ ଗଡ଼ିଲା ନାହିଁ ବସ୍

**କଟକ ଅଫିସ, ୧୬।୭**

**ସରକାରଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ବସ୍‌ଷ୍ଟାଣ୍ଡରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଥାନ୍ତା। ତେବେ କଟକ ବାଦାମବାଡି ଅଞ୍ଚଳରୁ ସକାଳୁ ଗୋଟିଏ ବି ବସ୍ ଗଡିନାହିଁ। ବସ୍ ଚଳାଚଳ ନେଇ ବିଭିନ୍ନ ସମସ୍ୟା ରହିଥିବାରୁ ଏ ପ୍ରକାର ପରିସ୍ଥିତି ଉପୁଜିଥିବା ଜଣାପଡିଛି। ଦୀର୍ଘଦିନ ଧରି ବସ୍ ବନ୍ଦ ରହିଥିବାରୁ କର୍ମଚାରୀମାନେ ଗାଁକୁ ଚାଲି ଯାଇଛନ୍ତି। ଯେଉଁ କେତେକ କର୍ମଚାରୀ ଅଛନ୍ତି ସେମାନଙ୍କୁ ନେଇ ଗାଡି ଚଳାଇବା ସମ୍ଭବ ନୁହେଁ। ଏଭଳି ଅନେକ ସମସ୍ୟା ରହିଥିବାରୁ ବସ୍ ଚଳାଚଳ କରିପାରିନାହିଁ। ଏହାକୁ ନେଇ ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ମାତ୍ର କିଛି ସମସ୍ୟା ରହିଛି। ବସ୍‌ଗୁଡିକ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲି ନ ଥିବାରୁ ଏବେ ଯନ୍ତ୍ରାଂଶ ନଷ୍ଟ ହେବା ସହ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ସେଥିପାଇଁ ଆମେ ସରକାରଙ୍କୁ ବିନା ସୁଧରେ ଏକ ଲକ୍ଷ ଟଙ୍କା ସହାୟତା ଦେବାକୁ ଜଣାଇଥିଲୁ। ସରକାର ଏ ଦିଗରେ କୌଣସି ନିଷ୍ପତ୍ତି ନେଇ ନ ଥିବାବେଳେ ମାଲିକଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେମାନେ ବସ୍‌ଗୁଡିକର ମରାମତି ଦିଗରେ ଅସମର୍ଥ ପ୍ରକାଶ କରିଛନ୍ତି। ଜୁଲାଇ ପାଇଁ ସରକାର ଗାଡିଗୁଡିକର ରୋଡ୍‌ଟ୍ୟାକ୍ସ ଛାଡ କରିଥିବାବେଳେ ସେପ୍ଟେମ୍ବର ପର୍ଯ୍ୟନ୍ତ ଟ୍ୟାକ୍ସ ଛାଡ ପାଇଁ ସରକାରଙ୍କୁ ନିବେଦନ କରିଛୁ। ସେହିପରି ପ୍ରାୟ ବସ୍‌ଗୁଡିକର ଇନ୍‌ସ୍ୟୁରାନ୍ସ ସରିଯାଇଛି। ଏଣୁ ଗାଡିଗୁଡିକ ରାସ୍ତାକୁ ବାହାରିବା ସମ୍ଭବ ନୁହଁ। ତେଣୁ ଏହି ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ସହ ଶନିବାର ଆମେ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛୁ।

# ଅବଢ଼ା ନ ପାଇ ଫେରିଲେ ଭକ୍ତ

## ପ୍ରଶାସନର ଅବ୍ୟବସ୍ଥାକୁ ଦାୟୀ କଲେ

**ପୁରୀ ଅଫିସ, ୧୬।୭**

ମହାପ୍ରଭୁଙ୍କ ଆଡ଼ପ ଅବଢ଼ା ପାଇବାରୁ ଶୁକ୍ରବାର ଅନେକ ଭକ୍ତ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଭକ୍ତଙ୍କ ସମେତ ପୁରୀ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିଲାଗି ଲୋକେ ପ୍ରଶାସନର ଅବ୍ୟବସ୍ଥାକୁ ଦାୟୀ କରିଛନ୍ତି।

ଆଡ଼ପ ଅବଢ଼ା ପାଇବା ନିମନ୍ତେ ପ୍ରତ୍ୟେକ ଭକ୍ତଙ୍କର ଇଚ୍ଛା ଥାଏ। ତେଣୁ ଭକ୍ତ ଯେପରି ସୁବିଧାରେ ଆଡ଼ପ ଅବଢ଼ା ପାଇପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ମିଳିତ ଭାବେ ବ୍ୟବସ୍ଥା ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ନୃସିଂହ ମନ୍ଦିର ଓ ବସ୍‌ଷ୍ଟାଣ୍ଡ ପାଖରେ ଶେଡ୍ ନିର୍ମାଣ କରାଯାଇଛି। ସେଠାକୁ ଭକ୍ତମାନେ ଯାଇ ଟୋକନ କାଟି ମହାପ୍ରସାଦ ନେଇପାରିବେ। ତେବେ ଶୁକ୍ରବାର ପ୍ରଶାସନର ଏହି ବ୍ୟବସ୍ଥାରେ ତ୍ରୁଟି ଦେଖିବାକୁ ମିଳିଥିଲା। ଟୋକନ କାଟି ମଧ୍ୟ ଆଡ଼ପ ଅବଢ଼ା ପାଇବାରୁ ଭକ୍ତ ବଞ୍ଚିତ ହୋଇଥିଲେ। ଶୁକ୍ରବାର ହେରାପଞ୍ଚମୀ ଓ ସଂକ୍ରାନ୍ତି ହୋଇଥିବାରୁ ବହୁ ଲୋକଙ୍କ ଉପବାସ ରହିଥିଲା। ତେଣୁ ସେମାନେ ଆଡ଼ପ ଅବଢ଼ା ପାଇଁ ଶେଡ୍‌କୁ ଯାଇ ଟୋକନ କାଟିଥିଲେ। ସକାଳ ଧୂପରେ ମହାପ୍ରସାଦ ନେବା ପାଇଁ କାଉଣ୍ଟର ନିକଟରେ ବହୁ ଭିଡ଼ ହୋଇଥିଲା। ଦୀର୍ଘ ସମୟ ଧରି ଅପେକ୍ଷା କରିବା ସତ୍ତ୍ୱେ ଅନେକ ଲୋକ ଆଡ଼ପ ଅବଢ଼ା ପାଇ ନ ଥିଲେ। ତେବେ ଯେଉଁମାନେ ଟୋକନ କାଟି ଅବଢ଼ା ପାଇପାରିନାହାନ୍ତି ପରବର୍ତ୍ତୀ ଭୋଗରେ ପାଇବେ ବୋଲି କାଉଣ୍ଟରରେ ସୂଚନା ଦିଆଯାଇଥିଲା। ତେଣୁ ଲୋକମାନେ ପୁଣି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ। ମାତ୍ର ସନ୍ଧ୍ୟା ବେଳକୁ ସୂଚନା ଦିଆଯାଇଥିଲା ଯେ ବର୍ତ୍ତମାନ ମହାପ୍ରସାଦ ନାହିଁ, ତେଣୁ ଟୋକନ କାଟିଥିବା ବ୍ୟକ୍ତି ତାଙ୍କ ଟଙ୍କା ଫେରସ୍ତ ନେଇଯାନ୍ତୁ। ଫଳରେ ଲୋକେ ନିରାଶରେ ମନଦୁଃଖରେ ଫେରିଥିଲେ। ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କରୋନା କଟକଣା ପାଇଁ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହଙ୍କ ଦର୍ଶନ ମିଳିପାରୁ ନ ଥିବାବେଳେ ମହାପ୍ରସାଦ ନ ମିଳିବା ଅତି ଦୁଃଖର ବିଷୟ ବୋଲି ପୁରୀ ବାସିନ୍ଦା ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି। ସଂକ୍ରାନ୍ତି ଥିବାରୁ ଉପବାସ ଥିଲା। ତେଣୁ ମହାପ୍ରସାଦ ନେବା ପାଇଁ ଆସିଥିଲି। ମାତ୍ର ଦିନ ତମାମ ଅପେକ୍ଷା କରି ଅବଢ଼ା ନ ପାଇ ଫେରୁଥିବାରୁ ମନଦୁଃଖ ହେଉଛି। ଘରେ ରୋଷେଇ ହୋଇ ନ ଥିବାରୁ ଜଳଖିଆ ଖାଇ ରାତି କାଟିବେ ବୋଲି ମହାନ୍ତି କ୍ଷୋଭର ସହ ପ୍ରକାଶ କରିଥିଲେ। ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ସହ ଫୋନରେ ଯୋଗାଯୋଗ ଲାଗି ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ବରାଦି ସାଙ୍ଗକୁ କମ୍ ପରିମାଣର ଅବଢ଼ା ପ୍ରସ୍ତୁତି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ବେଗୁନିଆ, ୧୬।୭(ଡି.ଏନ୍.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଧାନଘରନୂଆଗାଁ ଗ୍ରାମର ମିଟୁ ସାହୁ। ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ୫୭ରେ ମିଟୁ ଓ ତାଙ୍କର ଜଣେ ବନ୍ଧୁ ବାଇକରେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତର ଅବସ୍ଥାରେ ମିଟୁ ଓ ତାଙ୍କ ବନ୍ଧୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମିଟୁଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସ୍ଥାନୀୟ ପୋଲିସ ସିସି କ୍ୟାମେରା ଯାଞ୍ଚ କରି ତଦନ୍ତ ଚଳାଇଛି।

### ଲୋକଙ୍କ ସମସ୍ୟା ବୁଝିଲେ ଏମ୍‌ପି

**ଜଟଣୀ, ୧୬।୭(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳର ୯ନଂ. ୱାର୍ଡରେ ଶୁକ୍ରବାର ଭାଜପା ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଦେଇଥିଲେ। ଷଣ୍ଡପୁର ଓ ବିଭିନ୍ନ ସାହି ଏମ୍‌ପି ଷଡ଼ଙ୍ଗୀ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ କୃପାସିନ୍ଧୁ ବିହାରରେ ରହୁଥିବା ୫୦ପରିବାର ପକ୍ଷରୁ ରାସ୍ତା, ଡ୍ରେନ୍, ଷ୍ଟ୍ରିଟ୍‌ଲାଇଟ୍ ସହିତ ସଫେଇ କାର୍ଯ୍ୟ କରାଇବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏମ୍‌ପି ଷଡ଼ଙ୍ଗୀ ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୂରକରିବା ପାଇଁ ଜଟଣୀ ପୌରକାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପଦଯାତ୍ରା ବେଳେ ଭାଜପା ନେତା ବିଶ୍ୱରଞ୍ଜନ ବଡଜେନା, ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ପଦ୍ମଚରଣ ପ୍ରଦାନ, ରଘୁ ସ୍ୱାଇଁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ‘ଚିୟର ଫର୍ ଇଣ୍ଡିଆ’ ଅଭିଯାନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ

**ଜଟଣୀ, ୧୬।୭(ଡି.ଏନ୍.ଏ.):** ଚଳିତ ବର୍ଷ ଟୋକିଓରେ ହେବାକୁ ଥିବା ଅଲମ୍ପିକ୍ସରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ ଏବଂ ଇଣ୍ଡିଆନ ଅଲମ୍ପିକ୍ ଆସୋସିଏଶନ ମିଳିତଭାବେ ଦେଶ ବ୍ୟାପୀ ‘ଚିୟର ଫର ଇଣ୍ଡିଆ ଅଭିଯାନ’ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ସ୍ପୋର୍ଟସ୍ ଆସୋସିଏଶନ ପକ୍ଷରୁ କ୍ରୀଡା ଅଧିକାରୀ ଆନନ୍ଦ ସିଂଙ୍କ ନେତୃତ୍ୱରେ ରେଳ ସ୍ପୋର୍ଟସ ଷ୍ଟାଡିୟମ, ଖୋର୍ଦ୍ଧାରୋଡ ରେଳ ଷ୍ଟେସନ ଏବଂ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ଏକ ସେଲଫି ପଏଣ୍ଟ କରାଯାଇଛି। ମଣ୍ଡଳ ରେଳପ୍ରବନ୍ଧକ ଶଶିକାନ୍ତ ସିଂ, ମଣ୍ଡଳ କ୍ରୀଡା ଅଧିକାରୀ ଆନନ୍ଦ ସିଂଙ୍କ ସମେତ ବହୁ ରେଳ ଅଧିକାରୀ, କ୍ରୀଡାପ୍ରେମୀ ଓ କ୍ରୀଡାବିତ୍ ଟୋକିଓରେ ଅଂଶଗ୍ରହଣ କରୁଥିବା ଖେଳାଳିଙ୍କ ଉଦ୍ଦେଶ୍ୟରେ ସେଲ୍‌ଫି ଉଠାଇଥିଲେ। ରେଳବିଭାଗ ପକ୍ଷରୁ ରେଳମଣ୍ଡଳ ଅଧୀନରେ ଥିବା ଭୁବନେଶ୍ୱର, ଖୋର୍ଦ୍ଧାରୋଡ, ବ୍ରହ୍ମପୁର, କଟକ, ଭଦ୍ରକ ଏବଂ ଯାଜପୁର-କେନ୍ଦୁଝର ରୋଡ ଷ୍ଟେସନରେ ସେଲ୍‌ଫି ପଏଣ୍ଟ କରାଯାଇଛି।

# ଜିଲା ଜଜ୍‌ଙ୍କ ଜଟଣୀ କୋର୍ଟ ପରିଦର୍ଶନ



ଜିଲା ଜଜ୍ ଜଷ୍ଟିସ୍ ଶ୍ୟାମସୁନ୍ଦର ଦାଶ ଏବଂ ଅନ୍ୟମାନେ।

**ଜଟଣୀ, ୧୬।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଜ୍ ଜଷ୍ଟିସ୍ ଶ୍ୟାମସୁନ୍ଦର ଦାଶ ଶୁକ୍ରବାର ଜଟଣୀର କନିଷ୍ଠ ଦେୱାନୀ କୋର୍ଟ ପରିଦର୍ଶନ କରିଛନ୍ତି। ଜଟଣୀ କୋର୍ଟ ଜଜ୍ ଜଷ୍ଟିସ ଧ୍ରୁବି ଶୋଲାଙ୍କୀ ସ୍ୱାଗତ କରିଥିଲେ। ଏହି ଅବସରରେ ଜଟଣୀ ଲୟର୍ସ ଆସୋସିଏଶନ ଓ ବାର ଆସୋସିଏଶନ ପକ୍ଷରୁ ଜିଲା ଜଜ୍‌ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଜିଲା ଜଜ୍‌ଙ୍କ ଗସ୍ତ ସମୟରେ ଜଟଣୀ କୋର୍ଟ ପରିସରରେ ଅଧିବକ୍ତାମାନଙ୍କ ନିମନ୍ତେ ନିର୍ମାଣ ହେଉଥିବା ବାର୍ ଗୃହ ପରିଦର୍ଶନ କରିବା ସହିତ କୋର୍ଟ ପରିସରର ଉନ୍ନତିମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ନିର୍ମାଣ ହେଉଥିବା ବାର୍ ଗୃହକୁ ଶୀଘ୍ର ନିର୍ମାଣ ଏବଂ କୋର୍ଟ ପରିସର ଉନ୍ନତି ନିମନ୍ତେ ଉଭୟ ସଂଘ ଦାବି ଜଣାଇଥିଲେ। ବହୁ ଆଇନଜୀବୀଙ୍କ ସମେତ କୋର୍ଟର କର୍ମଚାରୀ ଉପସ୍ଥିତ ଥିଲେ।

# ତୈଳଦର ବୃଦ୍ଧିକୁ କଂଗ୍ରେସର ବିରୋଧ




ବାଣପୁର ବ୍ଲକ ଓ ଏନ୍‌ଏସି କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ବାଣପୁର, ୧୬।୭(ଡି.ଏନ୍.ଏ.)**

ତୈଳ ଓ ନିତ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ପ୍ରତିବାଦରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟରେ ପ୍ରତିବାଦ ଜାରି ରହିଛି। ଏହିକ୍ରମରେ ଶୁକ୍ରବାର ଚିଲିକା କଂଗ୍ରେସ ସଙ୍ଗଠକ ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବାଣପୁରରେ ବିକ୍ଷୋଭ ଓ ପ୍ରତିବାଦ ସଭା ହୋଇଥିଲା। ବାଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ଉପସଭାପତି ଆଇନଜୀବୀ ଶିଶିର ପରିଡା, ଲିଙ୍ଗରାଜ ସାହୁ, ବିଜୟ ରଥ, ଅକ୍ଷୟ ମହାପାତ୍ର, ସନ୍ତୋଷ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଅତ୍ୟାବଶକ ସାମଗ୍ରୀର ଦରଦାମ ବୃଦ୍ଧି ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିଧାୟକ ରାଉତରାୟଙ୍କ ନେତୃତ୍ୱରେ କୋଭିଡ୍ କଟକଣା ମଧ୍ୟରେ ଏକ ପଦଯାତ୍ରା ପଞ୍ଚାୟତ ସମିତି ସମ୍ମୁଖରୁ ବାହାରି ବଜାର ପରିକ୍ରମା କରି ବିଷରପାଟଣା ଛକରେ ପହଞ୍ଚିଥିଲା। ଶାନ୍ତିଶୃଙ୍ଖଳା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା

# ନନ୍ଦନକାନନରେ ବଢ଼ିବ ସିଂହ ବଂଶ

**ବାରଙ୍ଗ, ୧୬।୭(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପାଇଁ ଏକ ଖୁସି ଖବର। ଗୋଟିଏ ପଟେ ନନ୍ଦନକାନନରେ ନୂଆ ଉପନିର୍ଦ୍ଦେଶକଙ୍କ ଯୋଗ ଦେଇଥିବା ବେଳେ ଅନ୍ୟପଟେ ଭାରତୀୟ ସିଂହୀ ବିଜୁଳି ଏବେ ଗର୍ଭବତୀ। ଜନ୍ମ ଦେବାକୁ ଯାଉଛି ତା’ର ପ୍ରଥମ ସନ୍ତାନ। ଏ ନେଇ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ସଜାଗ ହୋଇ ରହିଛନ୍ତି। ପ୍ରଥମଥର ପାଇଁ ଏହି ସିଂହୀଟି ମାଆ ହେବାକୁ ଯାଉଥିବାରୁ କର୍ମଚାରୀ ଉତ୍ସାହିତ ଅଛନ୍ତି। ପ୍ରସବ ସମୟ ପାଖେଇ ଆସୁଥିବାରୁ କେୟାରଟେକର ବିଜୁଳି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ଚଳିତ ମାସ ତୃତୀୟ ସପ୍ତାହ ମଧ୍ୟରେ ବିଜୁଳି ସନ୍ତାନ ଜନ୍ମ କରିବ ବୋଲି ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ପୂର୍ବାନୁମାନ କରିଛନ୍ତି। ଆଉ ମାତ୍ର ଅଳ୍ପଦିନ ବାକି ଥିବାବେଳେ ସୁରକ୍ଷିତ ଭାବେ ବିଜୁଳି କିପରି ଶାବକ ଜନ୍ମ କରିବ ସେଥିପ୍ରତି କର୍ତ୍ତୃପକ୍ଷ ବିଭିନ୍ନ ଦିଗପ୍ରତି ଧ୍ୟାନ ଦେଉଛନ୍ତି। ବିଜୁଳିକୁ ସିଂହ ସଫାରି ଫିଡିଂ ଚାମ୍ବରର ପଛପଟ ଏନକ୍ଲୋଜରରେ ରଖାଯାଇ ସିସି କ୍ୟାମେରା ଲଗାଯାଇ ଗତିବିଧିକୁ ଲକ୍ଷ୍ୟ ରଖିଛନ୍ତି ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ।

# ଜବରଦଖଲ ଜାଗା ମୁକ୍ତ କରି ପାଚେରି ନିର୍ମାଣ

**ବୋଲଗଡ଼, ୧୬।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅଧୀନ ଦଳାଇସାହି ପଞ୍ଚାୟତ ମାଣିକାଗୋଡ଼ା ଗ୍ରାମ ନଦୀ ପଠାରେ ଏକ ଶ୍ମଶାନ ରହିଥିଲା। ଶ୍ମଶାନ ସହ ଏକ ଗୋଚରଜମିକୁ ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ ଅନେକ ବର୍ଷ ଧରି ଜବରଦଖଲ କରି ରଖିଥିଲେ। ଫଳରେ ମୃତଦେହ ସଂସ୍କାର ପାଇଁ କୁମୁଟି ସାହି, ଚଣ୍ଡୀ ପାଟଣା, ରାମଚନ୍ଦ୍ରପୁର ପାଟଣା ଗ୍ରାମବାସୀ ହଇରାଣ ହେଉଥିଲେ। ଏନେଇ ଜବରଦଖଲକାରୀ ବ୍ୟକ୍ତିଙ୍କୁ ଶ୍ମଶାନ ପାଇଁ କିଛି ସରକାରୀ ଜମି ଛାଡ଼ିବାକୁ ଗ୍ରାମ ସଭାରେ ଅନୁରୋଧ କରାଯାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଶୁକ୍ରବାର ଦଳାଇସାହି ସରପଞ୍ଚ ତାଜର ଅଲ୍ଲୀ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର ଓ କେତେଜଣ ଗ୍ରାମବାସୀ ଶ୍ମଶାନ ଜମିକୁ ଆଂଶିକ ଜବରଦଖଲ ମୁକ୍ତ କରିବା ସହିତ ପାଚେରି ନିର୍ମାଣ କରିଛନ୍ତି। ସମ୍ପୂର୍ଣ୍ଣ ଶ୍ମଶାନ ଜମିକୁ ଜବରଦଖଲ ମୁକ୍ତ କରିବା ଏବଂ ସରକାରୀ ଜମିକୁ ସେହି ଶିକ୍ଷକଙ୍କ ନାମରେ କରାଇ ନ ଦେବା ପାଇଁ ଗ୍ରାମବାସୀ ତହସିଲଦାରଙ୍କୁ ଲିଖିତ ଆବେଦନ କରିଛନ୍ତି।

# ଟ୍ରକ୍ ଧକ୍କାରେ ରେଳ ଫାଟକ ଭାଙ୍ଗିଲା



ଭାଙ୍ଗି ଯାଇଥିବା ରେଲ୍‌ୱେ ଫାଟକ।

**ନିରାକାରପୁର, ୧୬।୭(ଡି.ଏନ୍.ଏ.)**

ଟ୍ରକ୍ ଧକ୍କାରେ ଶୁକ୍ରବାର ନିରାକାରପୁର ରେଳ ଫାଟକ ଭାଙ୍ଗିଯାଇଛି। ଏକ ବଡ଼ ଦୁର୍ଘଟଣାରୁ ଦୁଇପାର୍ଶ୍ୱରେ ରହିଥିବା ପଥଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ମୁତାବକ, ଏହି ରେଳ ଫାଟକ ଶରଣକୂଳରୁ–ପୁରୀ ଯାଇଥିବା ନୂଆ ଜଗନ୍ନାଥ ସଡକ ଉପରେ ରହିଥିବାରୁ ଶ୍ରୀକ୍ଷେତ୍ରକୁ ଯାଉଥିବା ଯାତ୍ରୀବାହୀ ବସ ସହ ଭାରିଜାନ ଯାତାୟାତ କରୁଛି। ଶୁକ୍ରବାର କଲେଜ ଛକ ପଟୁ ପୁରୀ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ୍ ଧକ୍କା ଦେବା ଫଳରେ ଗେଟଟି ଭାଙ୍ଗି ଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଗାଡ଼ି ଅଟକି ରହିଥିଲା। ଖବରପାଇ ରେଳ ସୁରକ୍ଷାବଳ କର୍ମଚାରୀ ପହଞ୍ଚିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ଗେଟ ମରାମତି କରିଥିଲେ।

# ଆଜି ତିନି ରଥ ହେବ ଦକ୍ଷିଣ ମୋଡ଼



ରଥ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଛି।

**ପୁରୀ ଅଫିସ, ୧୬।୭**

ଭାଇ, ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ଏବେ ଜନ୍ମବେଦିରେ ଲୀଳା କରୁଛନ୍ତି। ଆଡ଼ପ ମଣ୍ଡପରେ ଲୀଳାଖେଳା ସାରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ରହିଥିବା ତିନିରଥକୁ ଶନିବାର ଦକ୍ଷିଣ ମୋଡ଼ କରାଯିବ। ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଦକ୍ଷିଣ ମୋଡ଼ ପୂର୍ବରୁ ଭୋଇ ସେବକ, ମହାରଣା ସେବକ, ଓଝା ସେବକ, ରଥ ନିର୍ମାଣ କମିଟି ସଦସ୍ୟ ପ୍ରମୁଖ ତିନି ରଥକୁ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି। ତିନି ରଥର ମରାମତି କାର୍ଯ୍ୟ ସରିଛି। ଦକ୍ଷିଣ ମୋଡ଼ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଶନିବାର ସକାଳ ଧୂପ ସମ୍ପନ୍ନ ପରେ ଦକ୍ଷିଣ ମୋଡ଼ ପାଇଁ ତିନିବାଡରୁ ଆଜ୍ଞାମାଳ ଆସି ତିନି ରଥରେ ଦିଆଯିବ। ଏହାପରେ ତିନି ରଥର ଦକ୍ଷିଣ ମୋଡ଼ ପକ୍ରିୟା ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ପ୍ରଥମେ ଦେବଦଳନ, ପରେ ତାଳଧ୍ୱଜ ଏବଂ ଶେଷରେ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରଖାଯିବ। ବାହୁଡ଼ାରେ ଚତୁର୍ଦ୍ଧାବିଗ୍ରହ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ଦେଇ ରଥରେ ବିଜେକରି ଶ୍ରୀମନ୍ଦିରକୁ ବାହୁଡ଼ିବେ।

# ଦିବ୍ୟାଙ୍ଗ ଯୁବତୀଙ୍କ ହାତ ଧରିଲେ ଦିବ୍ୟାଙ୍ଗ ଯୁବକ

**ବ୍ରହ୍ମଗିରି, ୧୬।୭(ଡି.ଏନ୍.ଏ.)**

ବିବାହ ବନ୍ଧନ ଦୁଇଟି ଅପରିଚିତ ମଣିଷକୁ ସାତ ଜନ୍ମ ପାଇଁ ଗୋଟିଏ ସୂତ୍ରରେ ବାନ୍ଧିଥାଏ। ପତ୍ନୀ ପତି ଉଭୟଙ୍କ ସୁଖ ଦୁଃଖରେ ସହଭାଗୀ ହୋଇ ଜୀବନର ଲମ୍ବାରାସ୍ତାରେ ଚାଲିଥାନ୍ତି। ଏ ନେଇ ବର ହେଉ କି କନ୍ୟା ନିଜ ପସନ୍ଦର ଜୀବନ ସାଥିଟେ ଖୋଜିଥାଏ। ଏଭଳି ଏକ ଜୀବନ ସାଥିଟେ ଖୋଜି ବ୍ରହ୍ମଗିରି ଥାନା ଅନ୍ତର୍ଗତ ବାଘମୁଣ୍ଡା ଗ୍ରାମର ସୁନୀଲ କୁମାର ପ୍ରଧାନ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତ। ସୁନୀଲ ଜଣେ ଚକ୍ଷୁ ହୀନ। ତଥାପି ସେ ଜଣେ ଶିକ୍ଷକ ଭାବେ ଏକ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି। କିନ୍ତୁ ସୁନୀଲ ତାଙ୍କ ଜୀବନସାଥୀ ଭାବେ ଉକ୍ତ ଥାନା ଅନ୍ତର୍ଗତ କାଶିଝରିଆ ଗ୍ରାମର ଛବିରାଣୀ ପଲାଇଙ୍କୁ ବିବାହ କରି ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି। ଛବିରାଣୀ ମଧ୍ୟ ଜଣେ ଚକ୍ଷୁ ହୀନ। ସେ ଚକ୍ଷୁ ହୀନ ହେଲେ ମଧ୍ୟ ଉଚ୍ଚ ଶିକ୍ଷିତା। ଏହି ଦୁଇ ଦିବ୍ୟାଙ୍ଗଙ୍କ ବିବାହ ବ୍ରହ୍ମଗିରି ଅଞ୍ଚଳରେ ବେଶ ଚର୍ଚ୍ଚା ଧରିଛି।

# ନନ୍ଦନକାନନ ନୂଆ ଉପନିର୍ଦ୍ଦେଶକ ସଞ୍ଜୀବ କୁମାର

**ବାରଙ୍ଗ, ୧୬।୭(ଡି.ଏନ୍.ଏ.)**

ନନ୍ଦନକାନନର ନୂଆ ଉପନିର୍ଦ୍ଦେଶକ ଭାବେ ଡ. ସଞ୍ଜୀବ କୁମାର ଶୁକ୍ରବାର ଯୋଗଦାନ କରିଛନ୍ତି। ସେ ଏହାପୂର୍ବରୁ ସମ୍ବଲପୁର ଡିଏଫଓ ଭାବେ ଥିଲେ। ଶୁକ୍ରବାର ସେ ବିଧିବଦ୍ଧ ଭାବେ ନନ୍ଦନକାନନର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କର ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗକୁ ବଦଳି ହୋଇଛି। ୨୦୨୦ ଜୁଲାଇ ୧୫ରେ ନନ୍ଦନକାନନରେ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଉପନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ନନ୍ଦନକାନନରେ ପ୍ରାୟ ବର୍ଷେ ଚାକିରି କରିବା ପରେ ତାଙ୍କର ବଦଳି ହୋଇଛି।



ସାନପଦର ଓଭରବ୍ରିଜ୍‌ରେ ସୃଷ୍ଟି ହୋଇଥିବା ଫାଟ ଏବଂ ଗର୍ତ୍ତ।

# ରେଲୱେ ଓଭରବ୍ରିଜ୍‌ରେ ଫାଟ, ଗର୍ତ୍ତ

**ବୋଲଗଡ଼, ୧୬।୭(ଡି.ଏନ୍.ଏ.)**

ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରେଳପଥ ନିର୍ମାଣ ସହିତ ଫ୍ଲାଏ ଓଭରବ୍ରିଜ, ପ୍ଲାଟ ଫର୍ମ କାର୍ଯ୍ୟ ପାଇଁ କେନ୍ଦ୍ର ସରକାରଙ୍କ ରେଳବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ସଫଳ ରୂପାୟନ ହୋଇ ପାରୁନାହିଁ। ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦରଠାରେ ନିର୍ମାଣ ହୋଇଥିବା ରେଲୱେ ଓଭରବ୍ରିଜର ନିମ୍ନମାନର କାର୍ଯ୍ୟ ଯୋଗୁ ଫାଟ ସୃଷ୍ଟି ହେବା ସହ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଓଭରବ୍ରିଜ ଏକ ବର୍ଷ ପୂର୍ବେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହାକୁ ୬ମାସ ପୂର୍ବେ ଜନସାଧାରଣଙ୍କ ବ୍ୟବହାର ପାଇଁ ଅନୁମତି ମିଳିଥିଲା। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ଫାଟ ସୃଷ୍ଟି ହେବା ସହ ଉଭୟ ପାର୍ଶ୍ୱ ଦବି ଯାଉଛି। ନିର୍ମାଣକାରୀ ସଂସ୍ଥା ବ୍ରିଜ୍ ଉପରେ କେବଳ ମେଷ୍ଟାଲ ପକାଇବା ଫଳରେ ଯାତାୟାତରେ ଅସୁବିଧା ହେଉଛି। ଏ ସମ୍ପର୍କରେ ଘରୋଇ ଠିକାଦାର ସଂସ୍ଥା ପ୍ରକଳ୍ପ ପରିଚାଳକ ଓ ଇଷ୍ଟ କୋଷ୍ଟ ରେଲୱେ ବିଭାଗର ସାଧାରଣ ନିର୍ମାଣ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନ ଥିଲା।

# ସଂକ୍ରମଣ କମିବା ସତ୍ତ୍ୱେ ଲକ୍‌ଡାଉନ

**ଖୋର୍ଦ୍ଧା ଅଫିସ, ୧୬।୭**

ଖୋର୍ଦ୍ଧା ଗ୍ରାମାଞ୍ଚଳ(ବିଏମ୍‌ସିକୁ ବାଦ୍ ଦେଇ)ରେ କରୋନା ସଂକ୍ରମଣ ସ୍ଥିତି ନିୟନ୍ତ୍ରଣ ରହିଛି। ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ୫.୧ ପ୍ରତିଶତ ରହିଛି ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି। ଜୁଲାଇ ପହିଲାରୁ ଗ୍ରାମାଞ୍ଚଳରେ ସଂକ୍ରମଣ ସଂଖ୍ୟା ହ୍ରାସ ପାଉଥିବା ବେଳେ ସୁସ୍ଥ ହାର ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ରାଜ୍ୟ ସରକାର ଖୋର୍ଦ୍ଧା ଜିଲାରେ କରୋନା ସ୍ଥିତି ଉଦ୍‌ବେଗଜନକ ରହିଥିବା ଦର୍ଶାଇ ଲକ୍‌ଡାଉନକୁ ପୂର୍ବଭଳି କଟକଣା କରିଛନ୍ତି। କେବଳ ୫ଦିନ ସକାଳ ୬ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଲକ୍‌ଡାଉନ କୋହଳ କରାଯାଇଛି। ପୂର୍ବପରି ନାଇଟ କର୍ଫ୍ୟୁ ଜାରି ରହିଛି। ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ ସଂଖ୍ୟା ବଢୁଥିବାରୁ ଖୋର୍ଦ୍ଧା ଗ୍ରାମାଞ୍ଚଳବାସୀ ହଇରାଣ ହେଉଛନ୍ତି। ଏନେଇ ଖୋର୍ଦ୍ଧା ଗ୍ରାମାଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ କମିଶନର ଏବଂ ଗ୍ରାମାଞ୍ଚଳ ପାଇଁ ଜିଲାପାଳ କୋଭିଡ୍ ନିୟନ୍ତ୍ରଣ କରୁଛନ୍ତି। କରେନା ସମ୍ପର୍କିତ ଖବର ମଧ୍ୟ ଅଲଗା ରିପୋର୍ଟ ପ୍ରଦାନ କରାଯାଉଛି। ବିଏମ୍‌ସିରେ କରୋନା ସଂକ୍ରମଣ ହାର ଅଧିକ ରହିଥିବା ବେଳେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗତ ଦୁଇ ସପ୍ତାହ ମଧ୍ୟରେ ସଂକ୍ରମଣ ନିୟନ୍ତ୍ରଣ ରହିଥିବା ଜିଲା ପ୍ରଶାସନ ରିପୋର୍ଟରୁ ଜଣାପଡ଼ିଛି। ବିଏମ୍‌ସି ପାଇଁ ଖୋର୍ଦ୍ଧା ଗ୍ରାମାଞ୍ଚଳ ବାସିନ୍ଦା ହଇରାଣ ହେଉଛନ୍ତି। ଏନେଇ ପିସିସି ସଭ୍ୟ ଶିଶିର ପରିଡା କହିଛନ୍ତି, ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ଖସୁଥିବା ବେଳେ ସୁସ୍ଥ ହାର ବୃଦ୍ଧି ପାଉଛି। ଏହା ସତ୍ତ୍ୱେ ଏହାକୁ ବିଏମ୍‌ସି ସହ ମିଶାଇ ଖୋର୍ଦ୍ଧା ଜିଲାରେ ସଂକ୍ରମଣ ବଢୁଥିବା ଚିତ୍ରଣ କରାଯାଉଛି। ଫଳରେ ଲକ୍‌ଡାଉନ ଯୋଗୁ କାମଧନ୍ଦା ନ ପାଇ ବହୁ ଗରିବ, ଖଟିଖିଆ ଓ ଶ୍ରମିକ ଘରେ ବସିଛନ୍ତି। ସେହିପରି କ୍ଷୁଦ୍ର ବ୍ୟବସାୟୀ ରାକେଶ ସାହୁ କୁହନ୍ତି, ମଧ୍ୟାହ୍ନଠାରୁ ବଜାର ଖାଁ ଖାଁ ରହୁଛି। ପୁଣି ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ବେପାର ଠପ୍ ହୋଇଯାଇଛି। ଅଧିକ ସମୟ ବଢିଲେ ମଧ୍ୟ ବେପାର ନାହିଁ। ପରିବା ବ୍ୟବସାୟୀ ଭଗବାନ ସାହୁ କହିଛନ୍ତି, ପୂର୍ବାହ୍ନ ୧୧ଟା ପରେ ପରିବା ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ରହୁଛି। ମାଧ୍ୟାହ୍ନ ପରେ ବଜାର ଫାଙ୍କା ରହୁଛି। ଅଧିକ ପରିବା ଆଣିଲେ, ପଚିଯିବା ଆଶଙ୍କା ରହୁଛି।

**ଖୋର୍ଦ୍ଧା ଗ୍ରାମାଞ୍ଚଳ ସଂକ୍ରମଣ ରିପୋର୍ଟ (ଜୁଲାଇ)**

| ତାରିଖ | ପଜିଟିଭ୍ | ସୁସ୍ଥ | ତାରିଖ | ପଜିଟିଭ୍ | ସୁସ୍ଥ |
|---|---|---|---|---|---|
| ୧ | ୧୩୪ | ୧୨୬ | ୯ | ୬୫ | ୧୦୫ |
| ୨ | ୯୩ | ୧୦୪ | ୧୦ | ୪୪ | ୯୯ |
| ୩ | ୯୧ | ୨୧୩ | ୧୧ | ୮୪ | ୭୬ |
| ୪ | ୧୧୮ | ୧୫୩ | ୧୨ | ୪୬ | ୭୪ |
| ୫ | ୫୭ | ୧୪୧ | ୧୩ | ୭୧ | ୫୯ |
| ୬ | ୬୭ | ୭୮ | ୧୪ | ୬୭ | ୭୮ |
| ୭ | ୮୨ | ୯୧ | ୧୫ | ୮୫ | ୧୪୧ |
| ୮ | ୬୯ | ୮୭ | ୧୬ | ୫୯ | ୩୪ |



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୬।୦୭।୨୦୨୧

୩୧୯ ଟଙ୍କା

# ଅବଢ଼ା ନ ପାଇ ମନଦୁଃଖରେ ଫେରିଲେ ଭକ୍ତ

ପୁରୀ ଅଫିସ, ୧୬।୭:

ମହାପ୍ରଭୁଙ୍କ ଆଡ଼ପ ଅବଢ଼ା ପାଇବାରୁ ଶୁକ୍ରବାର ଅନେକ ଭକ୍ତ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଭକ୍ତଙ୍କ ସମେତ ପୁରୀ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିଲାଗି ଲୋକେ ପ୍ରଶାସନର ଅବ୍ୟବସ୍ଥାକୁ ଦାୟୀ କରିଛନ୍ତି।

ଆଡ଼ପ ଅବଢ଼ା ପାଇବା ନିମନ୍ତେ ପ୍ରତ୍ୟେକ ଭକ୍ତଙ୍କର ଇଚ୍ଛା ଥାଏ। ତେଣୁ ଭକ୍ତ ଯେପରି ସୁବିଧାରେ ଆଡ଼ପ ଅବଢ଼ା ପାଇପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ମିଳିତ ଭାବେ ବ୍ୟବସ୍ଥା ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ନୃସିଂହ ମନ୍ଦିର ଓ ବସ୍‌ଷ୍ଟାଣ୍ଡ ପାଖରେ ଶେଡ୍ ନିର୍ମାଣ କରାଯାଇଛି। ସେଠାକୁ ଭକ୍ତମାନେ ଯାଇ ଟୋକନ କାଟି ମହାପ୍ରସାଦ ନେଇପାରିବେ। ତେବେ ଶୁକ୍ରବାର ପ୍ରଶାସନର ଏହି



ବ୍ୟବସ୍ଥାରେ ତ୍ରୁଟି ଦେଖିବାକୁ ମିଳିଥିଲା। ଟୋକନ କାଟି ମଧ୍ୟ ଆଡ଼ପ ଅବଢ଼ା ପାଇବାରୁ ଭକ୍ତ ବଞ୍ଚିତ ହୋଇଥିଲେ। ଶୁକ୍ରବାର ହେରାପଞ୍ଚମୀ ଓ ସଂକ୍ରାନ୍ତି ହୋଇଥିବାରୁ ବହୁ ଲୋକଙ୍କ ଉପବାସ ରହିଥିଲା। ତେଣୁ ସେମାନେ ଆଡ଼ପ ଅବଢ଼ା ପାଇଁ ଶେଡ୍‌କୁ ଯାଇ ଟୋକନ କାଟିଥିଲେ। ସକାଳ ଧୂପରେ ମହାପ୍ରସାଦ ନେବା ପାଇଁ କାଉଣ୍ଟର ନିକଟରେ ବହୁ ଭିଡ଼ ହୋଇଥିଲା। ଦୀର୍ଘ ସମୟ ଧରି ଅପେକ୍ଷା କରିବା ସତ୍ତ୍ୱେ ଅନେକ ଲୋକ ଆଡ଼ପ ଅବଢ଼ା ପାଇ ନ ଥିଲେ। ତେବେ ଯେଉଁମାନେ ଟୋକନ କାଟି ଅବଢ଼ା ପାଇପାରିନାହାନ୍ତି ପରବର୍ତ୍ତୀ ଭୋଗରେ ପାଇବେ ବୋଲି କାଉଣ୍ଟରରେ ସୂଚନା ଦିଆଯାଇଥିଲା। ତେଣୁ ଲୋକମାନେ ପୁଣି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ। ମାତ୍ର ସନ୍ଧ୍ୟା ବେଳକୁ ସୂଚନା ଦିଆଯାଇଥିଲା ଯେ ବର୍ତ୍ତମାନ ମହାପ୍ରସାଦ ନାହିଁ, ତେଣୁ ଟୋକନ କାଟିଥିବା ବ୍ୟକ୍ତି ତାଙ୍କ ଟଙ୍କା ଫେରସ୍ତ ନେଇଯାନ୍ତୁ। ଫଳରେ ଲୋକେ ନିରାଶରେ ମନଦୁଃଖରେ ଫେରିଥିଲେ। ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

କରୋନା କଟକଣା ପାଇଁ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହଙ୍କ ଦର୍ଶନ ମିଳିପାରୁ ନ ଥିବାବେଳେ ମହାପ୍ରସାଦ ନ ମିଳିବା ଅତି ଦୁଃଖର ବିଷୟ ବୋଲି ପୁରୀ ବାସିନ୍ଦା ଚିତ୍ତରଞ୍ଜନ ମହାନ୍ତି

## ପ୍ରଶାସନର ବ୍ୟବସ୍ଥାକୁ ଦାୟୀ କଲେ

କହିଛନ୍ତି। ସଂକ୍ରାନ୍ତି ଥିବାରୁ ଉପବାସ ଥିଲା। ତେଣୁ ମହାପ୍ରସାଦ ନେବା ପାଇଁ ଆସିଥିଲି। ମାତ୍ର ଦିନ ତମାମ ଅପେକ୍ଷା କରି ଅବଢ଼ା ନ ପାଇ ଫେରୁଥିବାରୁ ମନଦୁଃଖ ହେଉଛି। ଘରେ ରୋଷେଇ ହୋଇ ନ ଥିବାରୁ ଜଳଖିଆ ଖାଇ ରାତି କାଟିବେ ବୋଲି ମହାନ୍ତି କ୍ଷୋଭର ସହ ପ୍ରକାଶ କରିଥିଲେ। ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ସହ ଫୋନରେ ଯୋଗାଯୋଗ ଲାଗି ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ବରାଦି ସାଙ୍ଗକୁ କମ୍ ପରିମାଣର ଅବଢ଼ା ପ୍ରସ୍ତୁତି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଚର୍ଚ୍ଚା ହେଉଛି।



ରଥଯାତ୍ରା ଗାଇଡଲାଇନ୍ ଉଲ୍ଲଂଘନ ଅଭିଯୋଗରେ ପୁରୀ ବଳଗଣ୍ଡିସ୍ଥିତ ଶ୍ରୀକ୍ଷେତ୍ର ଲଜକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ସିଲ୍ କରାଯାଉଛି ।

# ପୁରୀ ଜିଲାରେ ବିମଳପ୍ରଭା ପ୍ରଥମ

ଡେଲାଙ୍ଗ,୧୬।୭(ଡି.ଏନ୍.ଏ.):

ଡେଲାଙ୍ଗ ବ୍ଲକ ମୁନିଦା ପଞ୍ଚାୟତ ଅନ୍ତର୍ଗତ କବି ପ୍ରସନ୍ନ ପାଇଶାଣୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିମଳପ୍ରଭା ପଟ୍ଟନାୟକ ଚଳିତବର୍ଷ ଜାତୀୟସ୍ତରୀୟ ଆୟଭିତ୍ତିକ ମେଧାବୃତ୍ତି (ଏନ୍‌ଏମ୍‌ଏମ୍‌ଏସ୍) ପରୀକ୍ଷାରେ ପୁରୀ ଜିଲାରେ ପ୍ରଥମ ସ୍ଥାନ ହାସଲ କରି କୃତିତ୍ୱ ଅର୍ଜନ କରିଛନ୍ତି। ଅଧୁନା ସେ ନବମ ଶ୍ରେଣୀରେ ଅଧ୍ୟୟନରତ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଥିବାବେଳେ ବିମଳ ପୁରୀ ଜିଲାରେ ପ୍ରଥମ ହୋଇ ବିଦ୍ୟାଳୟ ଓ ବ୍ଲକର ଗୌରବ

## ଏନ୍‌ଏମ୍‌ଏମ୍‌ଏସ୍ ମେଧାବୃତ୍ତି ପରୀକ୍ଷା

ବୃଦ୍ଧି କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଛି। ଏହି ସଭାରେ ପ୍ରଧାନଶିକ୍ଷକ ହୃଷିକେଶ ବଳିୟାରସିଂହ, ସିଆର୍‌ସିସି ଦୟାନିଧି ମାର୍ଥା, ପୁରାତନ ଛାତ୍ର ସଂସଦ ତ୍ରିନାଥ ପରିଡା, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶଶାଙ୍କ ଶେଖର ଚୁଡାମଣି, ସଭାପତି ସନ୍ଧ୍ୟାବତୀ ପ୍ରଧାନ, ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କ ହାତ ଧରିଲେ ଦିବ୍ୟାଙ୍ଗ ଯୁବକ

ବ୍ରହ୍ମଗିରି,୧୬।୭(ଡି.ଏନ୍.ଏ.)- ବିବାହ ବନ୍ଧନ ଦୁଇଟି ଅପରିଚିତ ମଣିଷକୁ ସାତ ଜନ୍ମ ପାଇଁ ଗୋଟିଏ ସୂତ୍ରରେ ବାନ୍ଧିଥାଏ। ପତ୍ନୀ ପତି ଉଭୟଙ୍କ ସୁଖ ଦୁଃଖରେ ସହଭାଗୀ ହୋଇ ଜୀବନର ଲମ୍ବାରାସ୍ତାରେ ଚାଲିଥାନ୍ତି। ଏ ନେଇ ବର ହେଉ କି କନ୍ୟା ନିଜ ପସନ୍ଦର ଜୀବନ ସାଥିଟେ ଖୋଜିଥାଏ। ଏଭଳି ଏକ ଜୀବନ ସାଥିଟେ ଖୋଜି ବ୍ରହ୍ମଗିରି ଥାନା ଅନ୍ତର୍ଗତ ବାଘମୁଣ୍ଡା ଗ୍ରାମର ସୁନୀଲ କୁମାର ପ୍ରଧାନ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସୁନୀଲ ଜଣେ ଚକ୍ଷୁ ହୀନ। ତଥାପି ସେ ଜଣେ ଶିକ୍ଷକ ଭାବେ ଏକ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି। କିନ୍ତୁ ସୁନୀଲ ତାଙ୍କ ଜୀବନସାଥୀ ଭାବେ ଉକ୍ତ ଥାନା ଅନ୍ତର୍ଗତ କାଶିଝରିଆ ଗ୍ରାମର ଛବିରାଣୀ ପଲାଇଙ୍କୁ ବିବାହ କରି ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି। ଛବିରାଣୀ ମଧ୍ୟ ଜଣେ ଚକ୍ଷୁ ହୀନ। ସେ ଚକ୍ଷୁ ହୀନ ହେଲେ ମଧ୍ୟ ଉଚ୍ଚ ଶିକ୍ଷିତା। ଏହି ଦୁଇ ଦିବ୍ୟାଙ୍ଗଙ୍କ ବିବାହ ବ୍ରହ୍ମଗିରି ଅଞ୍ଚଳରେ ବେଶ ଚର୍ଚ୍ଚା ଧରିଛି।

### ରିକ୍ସାଚାଳକଙ୍କ ମୃତଦେହ ଜବତ

ପୁରୀ ଅଫିସ, ୧୬।୭: ପୁରୀ ଟାଉନ ଥାନା ଅନ୍ତର୍ଗତ ମୋଚି ସାହିଛକସ୍ଥିତ ଏକ ହୋଟେଲ ନିକଟରୁ ଶୁକ୍ରବାର ଜଣେ ରିକ୍ସାଚାଳକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କ ନାମ ରବି ବୋଲି ଶୁଣିବାକୁ ମିଳୁଛି। ସେ କିଛି ବର୍ଷ ହେବ ପୁରୀରେ ରହି ରିକ୍ସା ଚଳାଉଥିଲେ। ସେ ବେକରେ ଗାମୁଛା ଦେଇ ଦେଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ କହୁଥିଲେ ମଧ୍ୟ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ‘ଗୋଟିଏ ବୃକ୍ଷ କୋଟିଏ ଜୀବନ’

ପିପିଲି,୧୬।୭(ସ୍ୱ.ପ୍ର.)- ‘ଗୋଟିଏ ବୃକ୍ଷ କୋଟିଏ ଜୀବନ’ର ବାର୍ତ୍ତା ନେଇ ପିପିଲିର ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ଚାରାରୋପଣ ଅଭିଯାନ କାର୍ଯ୍ୟକ୍ରମ ରଥଯାତ୍ରା ଦିନରୁ ଆରମ୍ଭ ହୋଇଥିବା ବେଳେ ପିପିଲି-ଡେଲାଙ୍ଗର ବିଭିନ୍ନ ସ୍ଥାନରେ ୩ହଜାର ଚାରାରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଶୁକ୍ରବାର ସଂଗଠନ ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ସଂଗଠନର ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ନବୀନ ନାୟକ ଯୋଗଦେଇ ଚାରାରୋପଣ କରିଥିଲେ। ଏଥିସହ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ପ୍ରବୀର ସାର, ପିପିଲି ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ଆର୍‌ଆଇ ଅର୍ଦ୍ଧେନ୍ଦୁ ଭୂଷଣ, ଆରଏସ୍‌ଏସ୍‌ର ପୁରୀ ଜିଲା ସଂଘ ଚାଳକ ରମେଶଚନ୍ଦ୍ର ମାଝି, ଅନୁଷ୍ଠାନ ଉପଦେଷ୍ଟା ତଥା ଅବସରପ୍ରାପ୍ତ ଇଂ. ରମେଶ ଶତପଥୀ, ପ୍ରଫୁଲ୍ଲ ସାହୁ, ବିକାଶ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଚାରାରୋପଣ କରି ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସଂଗଠନ ସମ୍ପାଦକ ବିଭୂତି ସାମନ୍ତରାୟ, ଯୁବ ସଂଯୋଜକ ବାପୁ ବେହେରା, ସଦସ୍ୟ ଜୀବନଜୟ ରାଉତରାୟ, ଅଜୟ ସିଂ, ସଞ୍ଜୀବ ସେଠୀ, ରାଜା ପ୍ରଧାନ, ଲୋକନାଥ ବେହେରା, ଜନ୍ମେଜୟ ରାଉତରାୟ, ଅମ୍ବିକା ଘଡ଼େଇ, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୬୦ ୟୁନିଟ୍ ରକ୍ତ ସଂଗ୍ରହ

ଗୋପ,୧୬।୭(ଡି.ଏନ୍.ଏ.)- ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ସ୍କୁଲ ପରିସରରେ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟିତ କରି ରକ୍ତଦାନ ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଅଭିନେତ୍ରୀ ତଥା ବିଜେଡି ମହାସଚିବ ଏଲିନା ଦାସ, ଛାତ୍ର ବିଜୁ ଜନତା ଦଳର ମହାସଚିବ ଇପ୍ସିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଧର୍ମେନ୍ଦ୍ର ସାହୁ, ମନଦୀପ ପାଇକରାୟ, ପ୍ରଶାନ୍ତ ସ୍ୱାଇଁ, ପ୍ରକାଶ ନାୟକ, ଦେବବ୍ରତ ସାହୁ, ସାଧୁଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ପୁରୀ ଶାଖା ପକ୍ଷରୁ ପୁରୀ ବଡଦାଣ୍ଡରେ ଆୟୋଜିତ ମହମବତି ଶୋଭାଯାତ୍ରା ।

# ବିଦ୍ୟୁତ୍ ଦର ବୃଦ୍ଧିକୁ ବିରୋଧ

ପୁରୀ ଅଫିସ, ୧୬।୭:

ରାଜ୍ୟରେ ବିଦ୍ୟୁତ ଦର ବୃଦ୍ଧିକୁ ଭାଜପା ଯୁବମୋର୍ଚ୍ଚା ପୁରୀ ଶାଖା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ପୁରୀ ସହରରେ ମହମବତି ଶୋଭାଯାତ୍ରା ଓ ବିକ୍ଷୋଭ କରାଯାଇଛି। ଭାଜପା ଯୁବ ମୋର୍ଚ୍ଚାର ପୁରୀ ଜିଲା ସଭାପତି ଜୟନ୍ତ କୁମାର ଦାଶଙ୍କ ନେତୃତ୍ୱରେ ସିଂହଦ୍ୱାରଠାରୁ ଶୋଭାଯାତ୍ରା ବାହାରି ଟାଉନ ଥାନା ଅଭିମୁଖେ ଯାଇଥିଲା। ଦାଶ କହିଥିଲେ, ଦିନକୁ ଦିନ

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ବିଦ୍ୟୁତ ଦର ବଢିଚାଲିଛି। ଫଳରେ ଗରିବ ଓ ମଧ୍ୟବିତ୍ତ ପରିବାର ହନ୍ତସନ୍ତ ହେଉଛନ୍ତି। କରୋନା ମହାମାରୀ ଯୋଗୁ ଲୋକଙ୍କ ଜୀବିକା ଉପରେ ପ୍ରଭାବ ପଡ଼ିଛି। ଦିନକୁ ଦୁଇମୁଠା ଖାଇବା ପାଇଁ ଲୋକେ ସଂଘର୍ଷ କରୁଛନ୍ତି। ଏଭଳି ସ୍ଥିତିରେ ବିଦ୍ୟୁତ ଦର ବୃଦ୍ଧି ବେଡ଼ି ଉପରେ କରୋଡ଼ା ମାଡ଼ ସଦୃଶ ହୋଇଛି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଜୋରଦାର ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ, ରବି ଦାଶ, ଦିଗ୍‌ଦର୍ଶନ ପଟ୍ଟନାୟକ, ଉମାକାନ୍ତ ନାୟକ, ବିଶ୍ୱଜିତ ମହାନ୍ତି, ରାଜପ୍ରୀତମ ମହାପାତ୍ର, ସଞ୍ଜୟ ପ୍ରଧାନ, ମିଥୁନ ଜେନା, ତପନ ବାରିକ, ଅନିତା ପଟ୍ଟନାୟକ, ସୌମ୍ୟା ମିଶ୍ର, କମଳିନୀ ମହାପାତ୍ର, ଅରୁଣ ତ୍ରିପାଠୀ ଏବଂ ସଂଗ୍ରାମ କାନୁନ୍‌ଗୋ ପ୍ରମୁଖ ସାମିଲ ଥିଲେ।



ମହାପ୍ରଭୁଙ୍କ ପହୁଡ ଡମ୍ବରୁ ପ୍ରସ୍ତୁତ କରୁଛନ୍ତି ଦରଜି ସେବକ ।

# ରଥଯାତ୍ରା ଗାଇଡ୍‌ଲାଇନ୍ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ, ୧୬।୭:

ଚଳିତବର୍ଷ ରଥଯାତ୍ରା ଗାଇଡ୍‌ଲାଇନ୍ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଦାବି କରିଛି। ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, କରୋନା କଟକଣା ଯୋଗୁ ଚଳିତବର୍ଷ ରଥଯାତ୍ରାରେ ପୁରୀର ପ୍ରବେଶ ପଥଗୁଡ଼ିକୁ ସିଲ କରାଯିବା ସହିତ ସହରବାସୀଙ୍କୁ ଘରେ ଏକପ୍ରକାର ଗୃହବନ୍ଦୀ କରି ରଖାଗଲା। ସେବାୟତଙ୍କୁ ନେଇ ରଥଯାତ୍ରା କରାଯିବାକୁ ସ୍ଥିର ହେଲା। ଏପରି କି ଲୋକଙ୍କୁ ରୋକିବା ପାଇଁ ୧୪୪ ଜାରି କରାଗଲା। କିନ୍ତୁ କେତେଜଣ ଠିକାଦାର, ଖଣିମାଳିକ, ସଙ୍ଗୀତଜ୍ଞ, ଇସ୍କନଭକ୍ତ ଏହି ନିୟମ ଉଲ୍ଲଂଘନ କରି ରଥଯାତ୍ରାରେ ସାମିଲ ହୋଇଥିଲେ। ସେହିପରି କଟକଣା ସତ୍ତ୍ୱେ କେତେଜଣ ଲୋକ ରଥଟଣା ଦେଖିବା ସହିତ ଭିଡ଼ିଓ ଶୁଟିଂ କରିଛନ୍ତି। ହରିୟାଣା କୁରୁକ୍ଷେତ୍ରରୁ ଆସି ପୁରୀରେ ରଥଯାତ୍ରା ଦେଖିବା ସହ ଭିଡିଓ ଶୁଟ୍ କରିଥିବା ଗୋବିନ୍ଦକୃଷ୍ଣ ଦାସଙ୍କୁ ତୁରନ୍ତ ଗିରଫ କରାଯାଉ। ବଡ଼ଦାଣ୍ଡରେ ରଥଯାତ୍ରା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ପରିଷଦ ଦାବି କରିଛି। ଅପରପକ୍ଷରେ ଗୋବର୍ଦ୍ଧନ ମଠ ଉପରେ ଯେଉଁ ପ୍ରଶ୍ନ ଉଠିଛି ତାହା ଦୁଃଖଦାୟକ ବୋଲି ପରିଷଦର ଆବାହକ ରଥ କହିଛନ୍ତି।

# ନନ୍ଦନକାନନ ନୂଆ ଉପନିର୍ଦ୍ଦେଶକ ସଞ୍ଜୀବ କୁମାର

ବାରଙ୍ଗ,୧୬।୭(ଡି.ଏନ୍.ଏ.)

ନନ୍ଦନକାନନର ନୂଆ ଉପନିର୍ଦ୍ଦେଶକ ଭାବେ ଡ. ସଞ୍ଜୀବ କୁମାର ଶୁକ୍ରବାର ଯୋଗଦାନ କରିଛନ୍ତି। ସେ ଏହାପୂର୍ବରୁ ସମ୍ବଲପୁର ଡିଏଫଓ ଭାବେ ଥିଲେ। ଶୁକ୍ରବାର ସେ ବିଧିବଦ୍ଧ ଭାବେ ନନ୍ଦନକାନନର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କର ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗକୁ ବଦଳି ହୋଇଛି। ୨୦୨୦ ଜୁଲାଇ ୧୫ରେ ନନ୍ଦନକାନନରେ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଉପନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ନନ୍ଦନକାନନରେ ପ୍ରାୟ ବର୍ଷେ ଚାକିରି କରିବା ପରେ ତାଙ୍କର ବଦଳି ହୋଇଛି।

# ଏବିଡିଓଙ୍କୁ ଆକ୍ରମଣ ଘଟଣା: ୨ ଗିରଫ

ଡେଲାଙ୍ଗ,୧୬।୭(ଡି.ଏନ୍.ଏ.):

ଡେଲାଙ୍ଗର ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ (ଏବିଡିଓ) ଓ ବ୍ଲକ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଶୁକ୍ରବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁଆଚଉକା ଗ୍ରାମର ଆଝାର ଅଲ୍ଲୀ ଓରଫ ବାବୁଲି ଏବଂ ଇକ୍‌ବାଲ ଶାହା ଓରଫ ରାଜୁ।

ସୂଚନାଯୋଗ୍ୟ, ଏବିଡିଓ ପ୍ରଦୀପ୍ତ କୁମାର ନାୟକ, ପିଇଓ ମୁକେଶ ଜେନା, ସୁବାଶିଷ ବେହେରା, ଭୀମଚରଣ ସୋରେନ ଏବଂ ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଆବାସ ଯୋଜନାର ତଦନ୍ତ କରିବାକୁ ଗୁରୁବାର କୋଠବାଡ଼ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମକୁ ଯାଇଥିଲେ। ତଦନ୍ତ ସମୟରେ ଏବିଡିଓଙ୍କୁ କେତେଜଣ ବ୍ୟକ୍ତି ଆକ୍ରମଣ କରିବା ସହ ସରକାରୀ କର୍ମଚାରୀମାନଙ୍କୁ ମାଡ଼ ମାରିଥିଲେ। ଫଳରେ ୩ଜଣ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଉକ୍ତ ଘଟଣା ନେଇ ଏବିଡିଓ ନାୟକ ଡେଲାଙ୍ଗ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ କେସ୍ (ନଂ. ୧୬୩/୨୧) ରୁଜୁ କରିବା ସହ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।



ପୁରୀ ଝାଡେଶ୍ୱରୀ କ୍ଲବ ପରିସରରେ ଶୁକ୍ରବାର ନାଟ୍ୟକାର କୈଳାସ ଶତପଥୀଙ୍କ ସ୍ମୃତିସଭା ।

# ଅନୁମତି ସତ୍ତ୍ୱେ ଗଡ଼ିଲା ନାହିଁ ବସ୍

କଟକ ଅଫିସ, ୧୬।୭

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ବସ୍‌ଷ୍ଟାଣ୍ଡରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଥାନ୍ତା। ତେବେ କଟକ ବାଦାମବାଡିରୁ ଗୋଟିଏ ବି ବସ୍ ଗଡିନାହିଁ। ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ମାତ୍ର କିଛି ସମସ୍ୟା ରହିଛି। ଦୀର୍ଘଦିନ ଧରି ବସ୍ ବନ୍ଦ ରହିଥିବାରୁ କର୍ମଚାରୀମାନେ ଗାଁକୁ ଚାଲି ଯାଇଛନ୍ତି। ଯେଉଁ କେତେଜଣ କର୍ମଚାରୀ ଅଛନ୍ତି ସେମାନଙ୍କୁ ନେଇ ଗାଡ଼ି ଚଳାଇବା ସମ୍ଭବ ନୁହେଁ। ଏଭଳି ଅନେକ ସମସ୍ୟା ରହିଥିବାରୁ ବସ୍ ଚଳାଚଳ କରିପାରିନାହିଁ। ବସ୍‌ଗୁଡିକ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲି ନ ଥିବାରୁ ଯନ୍ତ୍ରାଂଶ ନଷ୍ଟ ହେବା ସହ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ସେଥିପାଇଁ ଆମେ

## ସରକାରଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି

ସରକାରଙ୍କୁ ବିନା ସୁଧରେ ଏକ ଲକ୍ଷ ଟଙ୍କା ସହାୟତା ଦେବାକୁ ଜଣାଇଥିଲୁ। ସରକାର କୌଣସି ନିଷ୍ପତ୍ତି ନେଇ ନ ଥିବାବେଳେ ମାଲିକଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେମାନେ ବସ୍‌ଗୁଡିକର ମରାମତି ଦିଗରେ ଅସମର୍ଥ ପ୍ରକାଶ କରିଛନ୍ତି। ଜୁଲାଇ ପାଇଁ ସରକାର ଗାଡିଗୁଡିକର ରୋଡ୍ ଟ୍ୟାକ୍ସ ଛାଡ କରିଥିବାବେଳେ ସେପ୍ଟେମ୍ବର ପର୍ଯ୍ୟନ୍ତ ଟ୍ୟାକ୍ସ ଛାଡ ପାଇଁ ସରକାରଙ୍କୁ ନିବେଦନ କରିଛୁ। ସେହିପରି ପ୍ରାୟ ବସ୍‌ଗୁଡିକର ଇନ୍‌ସୁ୍ୟରାନ୍ସ ସରିଯାଇଛି। ଏଣୁ ଗାଡିଗୁଡିକ ରାସ୍ତାକୁ ବାହାରିବା ସମ୍ଭବ ନୁହଁ। ତେଣୁ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ସହ ଶନିବାର ଆମେ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛୁ।

# ଦିବ୍ୟାଙ୍ଗ ବୃଦ୍ଧଙ୍କ ଆତ୍ମହତ୍ୟା ଉଦ୍ୟମ

ଗୋପ,୧୬।୭(ଡି.ଏନ୍.ଏ.)

ପାରିବାରିକ ବିବାଦକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ଗୋପ ଥାନା ଅଧୀନ ଉଭାର ଗାଁର ଜଣେ ଦିବ୍ୟାଙ୍ଗ ନିକଟସ୍ଥ ମୁଗେଇ ସେତୁ ଉପରୁ ଆତ୍ମହତ୍ୟା କରିବା ଲାଗି ଉଦ୍ୟମ କରୁଥିଲେ। ଏହି ସମୟରେ କୌଣସି କାର୍ଯ୍ୟରେ ସେହି ରାସ୍ତାରେ ଯାଉଥିବା ଖବରଦାତା ଆଲୋକ ରଞ୍ଜନ ରାଉତରାୟ ସମ୍ପୃକ୍ତ ବୃଦ୍ଧଙ୍କୁ ଉଦ୍ଧାର କରିବା ସହ ଗୋପ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ସଂସ୍ଥାର କର୍ମଚାରୀମାନେ ପହଞ୍ଚି ବୃଦ୍ଧଙ୍କୁ ବୁଝାଶୁଝା କରିଥିଲେ। ସୂଚନା ଅନୁଯାୟୀ, ବେଣୁଧର ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ମାଗିଯାଚି ଚଳିଥାନ୍ତି। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପରିବାରରେ ସବୁ ସମୟରେ ବିବାଦ ହୋଇଥାଏ। ଘରେ

## ଜୀବନ ବଞ୍ଚାଇଲେ ଖବରଦାତା

କୌଣସି କାରଣକୁ ନେଇ ବିବାଦ ହେବାରୁ ଶୁକ୍ରବାର ବୃଦ୍ଧ ଜଣକ ନିଜ ଟ୍ରାଇସାଇକେଲ ଯୋଗେ ଏହି ସେତୁ ନିକଟରେ ପହଞ୍ଚି ଆତ୍ମହତ୍ୟା ଲାଗି ଉଦ୍ୟମ କରୁଥିଲେ। ଏହି ସମୟରେ ବାଇକ୍‌ରେ ଆସୁଥିବା ଖବରଦାତା ଆଲୋକ ତତ୍‌କ୍ଷଣାତ୍ ସେତୁ ତଳକୁ ଡେଉଁଥିବାବେଳେ ବୃଦ୍ଧଙ୍କୁ ଧରି ପକାଇଥିଲେ। ବୃଦ୍ଧ ଜଣଙ୍କ ଅତ୍ୟନ୍ତ ଗରିବ ଓ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବାବେଳେ କେବଳ ଅଭାବ ଯୋଗୁ ପ୍ରାୟ ସମୟ ଘରେ କଳହ ଯୋଗୁ ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି କୋହଭରା କଣ୍ଠରେ କହିଛନ୍ତି। ଜଣେ ଦିବ୍ୟାଙ୍ଗ ବୃଦ୍ଧଙ୍କ ଜୀବନ ବଞ୍ଚାଇଥିବା ଆଲୋକଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି।

# ନନ୍ଦନକାନନରେ ବଢ଼ିବ ସିଂହ ବଂଶ

ବାରଙ୍ଗ,୧୬।୭(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପାଇଁ ଖୁସି ଖବର। ଭାରତୀୟ ସିଂହୀ ବିଜୁଳି ଏବେ ଗର୍ଭବତୀ। ଜନ୍ମ ଦେବାକୁ ଯାଉଛି ତା’ର ପ୍ରଥମ ସନ୍ତାନ। ଏ ନେଇ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ସଜାଗ ହୋଇ ରହିଛନ୍ତି। ପ୍ରଥମଥର ପାଇଁ ଏହି ସିଂହୀଟି ମାଆ ହେବାକୁ ଯାଉଥିବାରୁ କର୍ମଚାରୀ ଉତ୍ସାହିତ ଅଛନ୍ତି। ପ୍ରସବ ସମୟ ପାଖେଇ ଆସୁଥିବାରୁ କେୟାରଟେକର ବିଜୁଳି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଚଳିତ ମାସ ତୃତୀୟ ସପ୍ତାହ ମଧ୍ୟରେ ବିଜୁଳି ସନ୍ତାନ ଜନ୍ମ କରିବ ବୋଲି ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ପୂର୍ବାନୁମାନ କରିଛନ୍ତି। ଆଉ ମାତ୍ର ଅଳ୍ପଦିନ ବାକି ଥିବାବେଳେ ସୁରକ୍ଷିତ ଭାବେ ବିଜୁଳି କିପରି ଶାବକ ଜନ୍ମ କରିବ ସେଥିପ୍ରତି କର୍ତ୍ତୃପକ୍ଷ ବିଭିନ୍ନ ଦିଗପ୍ରତି ଧ୍ୟାନ ଦେଉଛନ୍ତି। ବିଜୁଳିକୁ ସିଂହ ସଫାରି ଫିଡିଂ ଚାମ୍ବରର ପଛପଟ ଏନକ୍ଲୋଜରରେ ରଖାଯାଇ ସିସି କ୍ୟାମେରା ଲଗାଯାଇ ତା’ର ଗତିବିଧିକୁ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି ।

# ଆଜି ତିନି ରଥ ହେବ ଦକ୍ଷିଣ ମୋଡ଼

ପୁରୀ ଅଫିସ, ୧୬।୭:

ଭାଇ, ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ଏବେ ଜନ୍ମବେଦିରେ ଲୀଳା କରୁଛନ୍ତି। ଆଡ଼ପ ମଣ୍ଡପରେ ଲୀଳାଖେଳା ସାରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ରହିଥିବା ତିନିରଥକୁ ଶନିବାର ଦକ୍ଷିଣ ମୋଡ଼ କରାଯିବ। ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଦକ୍ଷିଣ ମୋଡ଼ ପୂର୍ବରୁ ଭୋଇ ସେବକ, ମହାରଣା ସେବକ, ଓଝା ସେବକ, ରଥ ନିର୍ମାଣ କମିଟି ସଦସ୍ୟ ପ୍ରମୁଖ ତିନି ରଥକୁ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି। ତିନି ରଥର ମରାମତି କାର୍ଯ୍ୟ ସରିଛି। ଦକ୍ଷିଣ ମୋଡ଼ ପାଇଁ ସମସ୍ତ ପ୍ରସ୍ତୁତି



ତିନି ରଥ ଦକ୍ଷିଣ ମୋଡ ପାଇଁ ବାଲି ପକାଯାଇଛି ।

ଶେଷ ହୋଇଥିବା ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଶନିବାର ସକାଳ ଧୂପ ସମ୍ପନ୍ନ ପରେ ଦକ୍ଷିଣ ମୋଡ଼ ପାଇଁ ତିନିବାଡରୁ ଆଜ୍ଞାମାଳ ଆସି ତିନି ରଥରେ ଦିଆଯିବ। ଏହାପରେ ତିନି ରଥର ଦକ୍ଷିଣ ମୋଡ଼ ପକ୍ରିୟା ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ପ୍ରଥମେ ଦେବଦଳନ, ପରେ ତାଳଧ୍ୱଜ ଏବଂ ଶେଷରେ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରଖାଯିବ। ବାହୁଡ଼ାରେ ଚତୁର୍ଦ୍ଧାବିଗ୍ରହ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ଦେଇ ରଥରେ ବିଜେକରି ଶ୍ରୀମନ୍ଦିରକୁ ବାହୁଡ଼ିବେ।